ଇଂରାଜୀ ନବବର୍ଷର ଅଭିନନ୍ଦନ

# ଭଏସ୍ ଅଫ୍ ଭିକ୍ଟିମ୍ସ
# Voice of Victims

୨୦୨୬ ମସିହାର ସମ୍ପୂର୍ଣ୍ଣ ରଙ୍ଗୀନ କ୍ୟାଲେଣ୍ଡର ଭିତରେ ଅଛି

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୬, ଭୁବନେଶ୍ୱର, ଡିସେମ୍ବର ୨୯- ଜାନୁଆରୀ ୪, ୨୦୨୬, Vol: 3, Issue: 6, Bhubaneswar, December 29- January 4, 2026 Pages- 8

ପୃଷ୍ଠା ୫ ସମ୍ପାଦକୀୟ : ଅନୁପ୍ରବେଶକାରୀ ଓ ଫବାଲୁଆ ଉପାଖ୍ୟାନ

ପୃଷ୍ଠା ୮ ସ୍ପା ଏବଂ ଗୁମ୍ଫି ସେଣ୍ଟର

ଅନ୍ ଲାଇନ୍‌ରେ ଖବର ପଢ଼ିବା ପାଇଁ ଲଗ୍ ଇନ୍ କରନ୍ତୁ।

voiceofvictimsepaper.in

ପୃଷ୍ଠା ୨ 'ଅର୍ଜୁନ– ୨୦୨୬' ପାଇଁ ପ୍ରସ୍ତୁତି ଜୋରଦାର



ପୃଷ୍ଠା ୩




ନୂଆବର୍ଷ- ଧାନକଟା ଛୁଟି

ପୃଷ୍ଠା ୪ ସାଧୁ ସାବଧାନ !



ପୃଷ୍ଠା ୬ ନୂଆ ବର୍ଷରେ ନୂଆ ଆଞ୍ଚଳିକ ଦଳ !



ପୃଷ୍ଠା ୭ ରକେଟ୍ ବେଗରେ ବଢ଼ୁଛି ସୁନା ଓ ରୁପା ଦର

# ଚାନ୍ଦପୁରରେ ନା ନୟାଗଡ଼

**କୈଳାସ ଚନ୍ଦ୍ର ଶତପଥୀ**

**ଆମେ ଛାଡ଼ିବୁନି, ଯେଉଁମାନେ ଆମ କଥା ନଶୁଣିବେ ତାଙ୍କ ପାଇଁ ନୟାଗଡ ରାସ୍ତା ସବୁଦିନ ପାଇଁ ବନ୍ଦ କରିଦେବୁ। ଯେଉଁ ସବୁ ନିୟମ ଆଧାରରେ ରାଜ୍ୟର ସମସ୍ତ ଜିଲ୍ଲାର ସଦର ମହକୁମା ମାନଙ୍କରେ ମେଡିକାଲ କଲେଜ ସବୁ ପ୍ରତିଷ୍ଠା କରାଯାଉଛି ସେହି ଆଧାରରେ ନୟାଗଡ ଜିଲ୍ଲାରେ ମେଡିକାଲ କଲେଜ ହେଉ। ବର୍ତ୍ତମାନ ଲୋକ ଅସନ୍ତୁଷ୍ଟ ହେଲେଣି, ଏହାର ଫଳ ସ୍ୱରୂପ ଜନଆନ୍ଦୋଳନ ହେବ। ଏମିତିକା ବାହସ୍ଫୋଟ ମାରିବା ସହିତ ଏକ ପ୍ରକାର ରାଜନୈତିକ ଧମକ ଦେଇଛନ୍ତି ନୟାଗଡର ପୁରୁଖା ବିଜେଡି ବିଧାୟକ ଡକ୍ଟର ଅରୁଣ ସାହୁ।**

ଗତ ବିଧାନସଭା ଶୀତକାଳୀନ ଅଧିବେଶନରେ ସମ୍ଭବତଃ ରଣପୁରର ବିଧାୟିକା ତଥା ସାମ୍ମାନୀୟା ବାଚସ୍ପତି ସୁରମା ପାଢ଼ୀଙ୍କ ଅନୁରୋଧ ରକ୍ଷା କରି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ପ୍ରସ୍ତାବିତ ଜିଲ୍ଲା ମେଡିକାଲ କଲେଜକୁ ଚାନ୍ଦପୁର ଠାରେ କରାଯିବା ପାଇଁ ପ୍ରସ୍ତାବ ରଖି ସେଥିପାଇଁ ସୁନ୍ଦର ଏକ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କର ତଥ୍ୟ ସମ୍ବଳିତ ଯୁକ୍ତିଥିଲା ସେଠାରେ ଏକ ଶହରୁ ଊର୍ଦ୍ଧ୍ୱ ଏକର ଜମି ଉପରେ ଏସିଆ ମହାଦେଶର ସର୍ବ ବୃହତ୍ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ନାମରେ ଟିବି ହସ୍ପିଟାଲ ଥିଲା, ଯାହାକି ବର୍ତ୍ତମାନ ଏକ ସାଧାରଣ ହସ୍ପିଟାଲକୁ ରୂପାନ୍ତରିତ କରାଯାଇଅଛି। ଦୃଢ ଭିତ୍ତିଭୂମି ସହିତ ଗମନାଗମନ ଭଳି ସମସ୍ତ ସୁବିଧା ସେଠାରେ ରହିଛି । ତେଣୁ ସେହି ସ୍ଥାନ ହିଁ ଜିଲ୍ଲା ମେଡିକାଲ ନିମନ୍ତେ ପ୍ରକୃଷ୍ଟ ସ୍ଥାନ। ତାଙ୍କର ପ୍ରସ୍ତାବ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ସକରାତ୍ମକ ଟିପ୍ପଣୀ ଦେଇ ତାହା ସରକାରଙ୍କ ବିଚାରଧୀନ ଅଛି ଓ ବାଚସ୍ପତି ମହୋଦୟା ମଧ୍ୟ ସମାନ ଅନୁରୋଧ ଅନେକଥର ତାଙ୍କୁ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ବାସ୍, ସେତିକି ଆଲୋଚନା ହିଁ ଯଥେଷ୍ଟ ଥିଲା। ତା' ପରେ ସାରା ଜିଲ୍ଲାରେ ତାକୁ ନେଇ ଆରମ୍ଭ ହୋଇଗଲା ହୋ-ହାଲା ସାଙ୍ଗକୁ ନିଜ ନିଜ ଭିତରେ ବିରୋଧାଭାସ। ଏହି ବିରୋଧାଭାସର ନିଆଁ ଉପରେ ଟିକେ ଟିକେ କରି ଘିଅ ଢାଳୁଛନ୍ତି ସ୍ଥାନୀୟ ରାଜନୈତିକ ବ୍ୟକ୍ତିବିଶେଷ। ନୟାଗଡର କିଛି ସଂଗଠନ ଜିଲ୍ଲା ମେଡିକାଲ କଲେଜକୁ ଜିଲ୍ଲା ମଧ୍ୟରେ କରିବାର ଦାବି ରଖି ଦାବି ପତ୍ର ଜିଲ୍ଲାପାଳଙ୍କୁ ଦେଇଥିବା ବେଳେ ରଣପୁର ଓ ଚାନ୍ଦପୁରରେ କିଛି ସଂଗଠନ ଚାନ୍ଦପୁରଠାରେ କରାଯିବା ନିମନ୍ତେ ଦାବିପତ୍ରମାନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଓ ବାଚସ୍ପତିଙ୍କୁ ଦେଇସାରିଛନ୍ତି। ଏବେ ସାମାଜିକ ଗଣମାଧ୍ୟମ ମାନଙ୍କରୁ ଦେଖିବାକୁ ମିଳୁଛି ଯେ କିଛି ବ୍ୟକ୍ତିବିଶେଷ ଓ ସଂଗଠନମାନେ ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା ଠାରେ କରାଯିବା ନିମନ୍ତେ ନିଜ ନିଜର ବଳିଷ୍ଠ ଯୁକ୍ତି, କାରଣ ଓ ଉପକାରିତା ସହ ଦାବି ରଖିବା ଆରମ୍ଭ କରି ଦେଲେଣି। କିଛି ରାଜନୈତିକ ବ୍ୟକ୍ତିବିଶେଷମାନେ ଓଡ଼ଗାଁରେ ମଧ୍ୟ କରାଯିବା ପାଇଁ ମତ ପୋଷଣ କଲେଣି।

ନୟାଗଡ ଜିଲ୍ଲାରେ ନୟାଗଡ, ଦଶପଲ୍ଲା, ଖଣ୍ଡପଡ଼ା ଓ ରଣପୁର ଭଳି ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଦୁଇଟି ନିର୍ବାଚନ ମଣ୍ଡଳୀ ବିଜେଡିର ଦଖଲରେ ଥିବା ବେଳେ ଅନ୍ୟ ଦୁଇଟି ଶାସକ ଦଳ ହାତରେ ଅଛି। ତେଣୁ କୌଣସି ବି ନିଷ୍ପତ୍ତି ସରକାର ନେବା ବେଳକୁ ବିରୋଧାଭାସ ଆସିବା ଏକ ସ୍ୱାଭାବିକ କଥା। ଜିଲ୍ଲା ମଧ୍ୟରେ ତିନୋଟି ସଂସଦୀୟ କ୍ଷେତ୍ରର ପୁରୀ, କଟକ ଓ କନ୍ଧମାଳର ଅଂଶ ରହିଛି। ଏହାର ସାଂସଦମାନେ ହେଲେ ଡାକ୍ତର ସମ୍ବିତ ପାତ୍ର (ପୁରୀ), ଭର୍ତ୍ତୃହରୀ ମହତାବ (କଟକ) ଓ ସୁକାନ୍ତ ପାଣିଗ୍ରାହୀ (କନ୍ଧମାଳ)। ତିନିହେଁ ଏହି ମାମଲାରେ ନିଜ ପାଟିରେ ତାଲା ପକାଇ ନୀରବ ରହିଛନ୍ତି। ନୟାଗଡ ଜିଲ୍ଲା ପରିଷଦର ସଭାପତି ଇଞ୍ଜିନିଅର ଦେବାଶିଷ ପଟ୍ଟନାୟକ ଯିଏ ନିଜେ ରାଜସୁନାଖଳା ଜିଲ୍ଲାପରିଷଦ ଜୋନରୁ ବିଜେଡି ଦଳ ତରଫରୁ ନିର୍ବାଚିତ ହୋଇ ଆସିଛନ୍ତି ସେ ମଧ୍ୟ ଖୋଲାଖୋଲି ନିଜ ଦଳର ବିଧାୟକ ଡ଼କ୍ଟର ଅରୁଣ ସାହୁଙ୍କ ସମର୍ଥନରେ ବାହାରି ପାରୁନାହାନ୍ତି କି ଖୋଲାଖୋଲି ଖଣ୍ଡପଡା ବିଜେପି ବିଧାୟକ ଦେଇଥିବା ଚାନ୍ଦପୁର ପ୍ରସ୍ତାବକୁ ସମର୍ଥନ କରୁନାହାନ୍ତି। ସେ ହାତେ ମାପି ଚାଖଣ୍ଡେ ଚାଲୁଛନ୍ତି। ବିଜେପିର ଜିଲ୍ଲା ମେଡିକାଲ କଲେଜ ସ୍ଥାପନ ବିଷୟର ରାଜନୈତିକ ଗୁଗୁଲିଟି ଏବେ ଏକପ୍ରକାର ଜିଲ୍ଲାର ଭାଇଚାରାକୁ ନଷ୍ଟ କରିଦେବା ଭଳି ମନେ ହେଲାଣି। ଏ ସମ୍ବନ୍ଧରେ ଜିଲ୍ଲାର ସମସ୍ତ ରାଜନୈତିକ ଦଳର ଜିଲ୍ଲାସ୍ତରୀୟ ସର୍ବମାନ୍ୟ ନେତାମାନଙ୍କ ମତ ଆମେ ଜାଣିବା ପାଇଁ ଯୋଗାଯୋଗ କରିଥିଲୁ। କିନ୍ତୁ କେହି ଜଣେ ହେଲେ ମଧ୍ୟ ସିଧା ଓ ସ୍ୱଷ୍ଟ ଭାବରେ ନିଜର ମତ ପ୍ରକାଶ କରି ଉତ୍ତର ରଖିନଥିଲେ। ସ୍ୱଷ୍ଟ ଓ ନିର୍ଭୀକ ଭାବେ ନିଜର ମତ ରଖି ନପରିବାର କାରଣ ମଧ୍ୟ ସ୍ୱଷ୍ଟ। କାରଣ ସମସ୍ତେ ନିଜ ନିଜର ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଛନ୍ତି। କେବଳ କଂଗ୍ରେସ ଦଳର ନୟାଗଡ଼ ଜିଲ୍ଲା ସଭାପତି ରଣଜିତ୍ ଦାସ ନୟାଗଡରେ ମେଡିକାଲ କଲେଜ ଦାବିକୁ ଖୋଲାଖୋଲି ସମର୍ଥନ କରିବା କଥା ତାଙ୍କ ନିଜର ସାମାଜିକ ଗଣମାଧ୍ୟମ ପୃଷ୍ଠାରୁ ଜାଣି ହେଉଛି। ଅନ୍ୟ ସମସ୍ତ ଦଳର ଜିଲ୍ଲାସ୍ତରୀୟ ନେତାମାନେ ମାପିଚୁପି କଥାବାର୍ତ୍ତା କରୁଛନ୍ତି। ଅଧିକାଂଶ ନେତା ସବୁଠୁ ସହଜ ମାଧ୍ୟମ ନିରବତା ଅବଲମ୍ବନ କରୁଛନ୍ତି। ନାମ ଗୋପନ ରଖିବାର ପ୍ରତିଶ୍ରୁତି ସହ ମତାମତ ଜାଣିବା ପାଇଁ ଆମେ ଅନେକ ନିରପେକ୍ଷ ବୁଦ୍ଧିଜୀବୀଙ୍କ ସହ ଯୋଗାଯୋଗ କରି ଯାହା ଉତ୍ତର ପାଇଲୁ ତାହା ଏଠାରେ ଗୋଟିଏ ବାକ୍ୟରେ ଉଲ୍ଲେଖ କରୁଛୁ। ଅଧିକାଂଶ ତାସ୍ଛଲ୍ୟ କରି ସରକାରଙ୍କ ୧୬ମାସର କାର୍ଯ୍ୟକଳାପ ଓ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ବିଷୟରେ ବିଜେପି ସରକାର କେବଳ ନାମ ପରିବର୍ତ୍ତନ ରାଜନୀତି କରିବା ସହ ଜନସାଧାରଣଙ୍କୁ ଭକୁଆ କରୁଛନ୍ତି ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ଘଣ୍ଟାଚକଟା ତା'ର ଏକ ବଡ଼ ଉଦାହରଣ। କିଛି ଗୋଟେ ରାଜନୈତିକ ଗୁଗୁଲି ଛାଡ଼ି ଦିଅ, ଲୋକେ ତାକୁ ନେଇ ଘଣ୍ଟାଚକଟା କିଛି ଦିନ କରୁଥାଆନ୍ତୁ। ଆଜିକାଲି ରାଜନୈତିକ ଦଳମାନଙ୍କ ଏହା ଏକ ବିଶେଷ ନୀତି। ସେହିଭଳି ନୟାଗଡ ଜିଲ୍ଲା ମେଡିକାଲ କଲେଜ କଥା ଯଦି ଦେଖିବା ଏବେକାର ସରକାର ହେଉଛନ୍ତି ଡବଲ ଇଞ୍ଜିନ ସରକାର। ଏହି ଡବଲ ଇଞ୍ଜିନ ହେଉଛି ବିଜେଡି ଓ ବିଜେପି ମଧ୍ୟରେ ଥିବା ମଧୁଚନ୍ଦ୍ରିକା ବା ଅଦୃଶ୍ୟ ମେଣ୍ଟ ରହିଛି। ସେମାନେ ଯାହା ଚାହିଁବେ, ଯେଉଁଠି ଚାହିଁବେ ସେଇଠି କରିବେ। ମେଡ଼ିକାଲ କଲେଜ କେଉଁଠି କରିବେ ତାହା ମଧ୍ୟ ଆପାତତଃ ସ୍ଥିର ହୋଇଯାଇଥିବ। ସେମାନେ ସବୁ ନିଜେ ଭିତରେ ଭିତରେ ମେଳି ଆଉ କୋଳାକୋଳି କିନ୍ତୁ ଉପରକୁ ଭୋଟ ବ୍ୟାଙ୍କ ସୁରକ୍ଷିତ ରଖିବା ପାଇଁ ମିଛିମିଛିକା କଳି। ଆମେ କେବଳ ଏତିକି ଚାହିଁବା, ଜିଲ୍ଲାରେ ଏକ ମେଡିକାଲ କଲେଜ ନିଶ୍ଚୟ ଦରକାର ଏବଂ ଏହା ସମସ୍ତ ପ୍ରକାର ଆବଶ୍ୟକୀୟ ଭିତ୍ତିଭୂମି ଥିବା ଚାନ୍ଦପୁରଠାରେ ହିଁ ଶୀଘ୍ର ହୋଇଯାଉ।




**ମେଡିକାଲ କଲେଜ ଆଳରେ ନଷ୍ଟ ହେଉଛି ଭାଇଚାରା**

କାହିଁକି ହେବ ଚାନ୍ଦପୁରରେ ସେକଥା ଆରଥରକୁ ଦ୍ୱିତୀୟ ଭାଗରେ...

ଇଂରାଜୀ ନବବର୍ଷ ୨୦୨୬ ଅବସରରେ
'ଭଏସ୍ ଅଫ୍ ଭିକ୍ଟିମ୍ସ'
ପରିବାର ପକ୍ଷରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।



## ରଣପୁର ମହୋତ୍ସବ 'ଅର୍ଜୁନ-୨୦୨୬' ପାଇଁ ପ୍ରସ୍ତୁତି ଜୋରଦାର

# ଜାନୁଆରୀ ୫-୧୦ ପର୍ଯ୍ୟନ୍ତ ମହାଆୟୋଜନ

ରଣପୁର (ଭିଓଭି) : ରଣପୁରର ସାଂସ୍କୃତିକ ପରମ୍ପରାକୁ ଆଉ ଏକ ମାଇଲଖୁଣ୍ଟ ଯୋଗାଇବାକୁ ଯାଉଛି ଆସନ୍ତା 'ଅର୍ଜୁନ-୨୦୨୬' ରଣପୁର ମହୋତ୍ସବ। ଆସନ୍ତା ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ମହାମେଳା ଆୟୋଜିତ ହେବ ବୋଲି ମହୋତ୍ସବ କମିଟି ସୂଚନା ଦେଇଛି। ସୋମବାର ସ୍ଥାନୀୟ ମା' ମଣିନାଗ କଲ୍ୟାଣୀ ମଣ୍ଡପରେ ଏହି ମହୋତ୍ସବକୁ ସଫଳ କରିବା ନିମିତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକଟି କମିଟିର ସଭାପତି, ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ସମ୍ପାଦକ ସ୍ୱରାଜ ମହାନ୍ତିଙ୍କ ସହଯୋଗରେ କମିଟି ସଦସ୍ୟ, ସାମ୍ବାଦିକ, ଆଇନଜୀବୀ, ବୁଦ୍ଧିଜୀବୀ ଓ ଆଗ୍ରହୀ ଜନସାଧାରଣ ଉପସ୍ଥିତ ରହି ମହୋତ୍ସବର ସମସ୍ତ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବକୁ ଏ ବର୍ଷ ଆହୁରି ଆକର୍ଷଣୀୟ, ସୁସଂଗଠିତ ଓ ସଫଳ କରିବା ନେଇ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପାଞ୍ଚ ଦିନିଆ ଏହି ମହୋତ୍ସବର ପ୍ରତ୍ୟେକ ଦିବସକୁ ମହାନ ବ୍ୟକ୍ତିତ୍ୱଙ୍କ ନାମରେ ଉତ୍ସର୍ଗ କରାଯିବ। ପ୍ରଥମ ଦିବସ ଶହୀଦ ରଘୁନାଥ ମହାନ୍ତି, ଦ୍ୱିତୀୟ ଦିବସ ଶହୀଦ ଦିବାକର ପରିଡ଼ା, ତୃତୀୟ ଦିବସ ଶହୀଦ ଅର୍ଜୁନ ରାଉତ, ଚତୁର୍ଥ ଦିବସ ଭକ୍ତ କବି ଭକ୍ତ ଚରଣ ଦାସ ଓ ପଞ୍ଚମ ଦିବସ ରାଜ୍ୟର ପ୍ରଥମ ମହିଳା ସ୍ୱାସ୍ଥ୍ୟ ମନ୍ତ୍ରୀ ରାଣୀ ବସନ୍ତ ମଞ୍ଜରୀ ଦେବୀଙ୍କ ନାମରେ ଉତ୍ସର୍ଗ କରାଯିବ ବୋଲି ସମ୍ପ୍ରତି ପ୍ରକାଶ ପାଇଛି। ସାଂସ୍କୃତିକ ଐତିହ୍ୟ, ଦେଶଭକ୍ତି ଓ ଲୋକକଳାର ଅନୁପମ ସମନ୍ୱୟ ସହ ଏବର୍ଷର ରଣପୁର ମହୋତ୍ସବ ଜନସାଧାରଣଙ୍କ ମନକୁ ଛୁଇଁବ ବୋଲି ଆଶା ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା, ସମାଜସେବୀ ପରେଶ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାଶ, ପ୍ରଶାନ୍ତ ମିଶ୍ର, ରାଜ କିଶୋର ପଟ୍ଟନାୟକ, ଶିବ ପ୍ରସାଦ ମିଶ୍ର, ଦିନେଶ ପରିଡାଙ୍କ ସମେତ ସାମ୍ବାଦିକମାନେ ଉପସ୍ଥିତ ରହି ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଅଲୋଡ଼ା ଏବେ ଗ୍ରିଟିଙ୍ଗ୍ସ କାର୍ଡ

**ପୁରୀ (ଭିଓଭି) :** ଡିସେମ୍ବର ମାସ ବର୍ଷର ଶେଷ ମାସ। ଏହି ମାସ ଶେଷ ତାରିଖ ଡିସେମ୍ବର ୩୧ତାରିଖ ପରେ ବଦଳି ଯାଇଥାଏ ପୁରୁଣା ବର୍ଷ । ପାଦ ଥାପିଥାଏ ନୂତନ ବର୍ଷ। ପୁରୁଣା ବର୍ଷ ଅପସରି ଯାଇଥିବା ବେଳେ, ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି ସମଗ୍ର ବିଶ୍ୱବାସୀ। ନୂଆବର୍ଷ ଆସିବାର ସପ୍ତାହେ ଅବା ଦୁଇ ସପ୍ତାହ ପୂର୍ବରୁ ନିଜର ବନ୍ଧୁ ପରିଜନ, ସହକର୍ମୀ ତଥା ସମ୍ପର୍କୀୟ ମାନଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗିସ )ମାଧ୍ୟମରେ ସକାରାତ୍ମକ ବାର୍ତ୍ତା ପଠାଯାଇଥାଏ। ନବେ ଦଶକରେ ଶୁଭେଚ୍ଛା କାର୍ଡ ନୂଆବର୍ଷ ଆଗମନରେ ପ୍ରାକ୍ ସୂଚନା ପ୍ରଦାନ କରୁଥିଲା। ମାତ୍ର ଏବେ ସମୟ ବଦଳିଛି । ହାପି ନ୍ୟୁ ଇୟରର ଶୁଭେଚ୍ଛା କାର୍ଡ ବଜାରରେ ଦେଖିବାକୁ ପ୍ରାୟତଃ ମିଳୁନାହିଁ। ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇ ପଡ଼ିଥିବା ବେଳେ, ସୋସିଆଲ ମିଡ଼ିଆ ମାଧ୍ୟମରେ ଛାଇଛି ଶୁଭେଚ୍ଛା ବାର୍ତ୍ତା। ବଜାରରେ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗିସ) କାଁଭାଁ କେଉଁଠି ମିଳୁଛି, ତାହା ପୁଣି ଚଢା ଦାମ୍‌ରେ। ପୂର୍ବରୁ ବିଭିନ୍ନ ଗ୍ରାମାଞ୍ଚଳ ସମେତ ବଜାରରେ ଥିବା ପ୍ରମୁଖ ଛକରେ ସ୍ୱତନ୍ତ୍ର ଭାବେ ଷ୍ଟଲ ପକାଇ ଶୁଭେଚ୍ଛା କାର୍ଡ ଦୋକାନ ପସରା ମେଲାଉଥିଲେ ଅନେକ ଦୋକାନୀ। ଜଟଣୀ, କୋଲକତା ଆଦିରୁ ବିଭିନ୍ନ କିସମର ନାମୀଦାମୀ କାର୍ଡ ଗ୍ରାହକମାନଙ୍କ ଉଦ୍ଦେଶ୍ୟରେ ବିକ୍ରି ହେଉଥିଲା। ୫୦ପଇସାରୁ ଆରମ୍ଭ କରି ୫୦୦ଟଙ୍କା ମୂଲ୍ୟର ଶୁଭେଚ୍ଛା କାର୍ଡକୁ ଆଦରି ନେଉଥିଲେ ଗ୍ରାହକ। ଯାହାକି ଆଜି ସାତ ସପନ ହୋଇଯାଇଛି। ଦୀର୍ଘ ବର୍ଷ ଧରି ବିଭିନ୍ନ ବଜାରର ବିଭିନ୍ନ ପ୍ରାନ୍ତରେ ଶୋଭା ପାଉଥିଲା ନୂତନବର୍ଷର ଶୁଭେଚ୍ଛା କାର୍ଡ ମାଳମାଳ ଷ୍ଟଲ। ଶୁଭେଚ୍ଛା କାର୍ଡ ଷ୍ଟଲ ପକାଇ ବେପାର କରି ଆସୁଥିବା ବ୍ୟବସାୟୀଙ୍କ କହିବା ଅନୁଯାଇ ଆଜକୁ ୫ରୁ



୧୦ବର୍ଷ ତଳେ ଶୁଭେଚ୍ଛା କାର୍ଡର ଚାହିଦା ସର୍ବାଗ୍ରେ ରହୁଥିଲା । ବିଭିନ୍ନ କିସମର କାର୍ଡ ବିକି ବେଶ ଦୁଇପଇସା ରୋଜଗାର କରି ହେଉଥିଲା । ମାତ୍ର ଏବେ ମୋବାଇଲ ଓ ଇଣ୍ଟର ନେଟ ବହୁଳ ପ୍ରଚଳନ ଯୋଗୁଁ ଶୁଭେଚ୍ଛା ବାର୍ତା ବିଭିନ୍ନ ସାମାଜିକ ଗଣମାଧ୍ୟମର ସାହାରା ନେଇ ପଠାଯାଉଛି । ଏଣୁ ଆଉ ଶୁଭେଚ୍ଛା କାର୍ଡ ବଜାରରୁ କିଣିବାକୁ କେହି ପସନ୍ଦ କରୁନାହାନ୍ତି । ନୂଆବର୍ଷ କ୍ୟାଲେଣ୍ଡର ବିଭିନ୍ନ କମ୍ପାନୀର ଓଡ଼ିଆ ପଞ୍ଜିକା, ଡାଏରୀ ଆଦି ବଜାରରେ ଚାହିଦା ରହୁଛି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଲଭଲି ମହାରଣା କହିବା ଅନୁଯାଇ ଡିଜିଟାଲ ସେବାର ବହୁଳ ପ୍ରଚାର ପ୍ରସାର ଫଳରେ ସାମାଜିକ ଗଣମାଧ୍ୟମ ହାତ ଧରି ଭିଡିଓ କ୍ଲିପ, ଇମେଜ, ହ୍ୱାଟ୍ସ ଅପ, ଫେସବୁକ ମେସେଜ ଦ୍ୱାରା ନୂଆବର୍ଷ ବାର୍ତ୍ତା ପ୍ରେରଣ କରାଯାଉଛି। ଯାହାଦ୍ୱାରା ଅଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧ୍ୟରେ ବ୍ୟକ୍ତି ଜଣକ ନିଜର ପ୍ରିୟ ପରିଜନକୁ ଶୁଭେଚ୍ଛା ବାର୍ତ୍ତା ଅନାୟସରେ ପ୍ରେରଣ କରି ପାରୁଛି ବୋଲି କହିଛନ୍ତି। ଶୁଭେଚ୍ଛା କାର୍ଡ ଉପରେ ଓଡ଼ିଆ ଅବା ଇଂରାଜୀରେ ବିଭିନ୍ନ ପ୍ରକାର ସାଧୁ ଓ ମହତବାଣୀ ଉଲ୍ଲେଖ ରହୁଥିଲା, ଯାହାକି ପ୍ରତ୍ୟେକଙ୍କ ମନ ଓ ହୃଦୟକୁ ଛୁଇଁ ପାରୁଥିଲା। ମାତ୍ର ଏବେ ତାହା ଏକ ଦିବାସ୍ୱପ୍ନ ହୋଇ ରହି ଯାଇଛି। ନୂଆବର୍ଷ ଆସିବାକୁ ଦିନ କେଇଟା ବାକି ରହିଥିବା ବେଳେ, ଶୁଭେଚ୍ଛା କାର୍ଡର ଚାହିଦା ଯଦିଓ କମିଛି, ହେଲେ ଏହାର ତରିକା ବଦଳି ଯାଇ ମୋବାଇଲ ଅବା ଇଣ୍ଟରନେଟ ମାଧ୍ୟମରେ ନିଜ ପ୍ରିୟଜନ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିବା ପ୍ରାୟତଃ ଆରମ୍ଭ କରି ଦେଲେଣି । ଶୁଭେଚ୍ଛାକାରୀ ଏହି ପ୍ରସଙ୍ଗକୁ ହୁଏତ ଏଡାଇ ଦିଆଯାଇ ନପାରେ।

# ୧୦ ପରିବାରଙ୍କୁ ଆତ୍ମନିର୍ଭରଶୀଳ କରାଇଛନ୍ତି କମ୍ବୁପାଣି

**ବଲାଙ୍ଗିର (ଭିଓଭି) :** ଚାଷ କାମ ଯାହାର କେଡେ ସୁଖ ତାହାର ଏହି ଉକ୍ତିକୁ ଠିକ ଭାବରେ ବୁଝିଛନ୍ତି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଳପଡା ଗାଁର ଯୁବ ଚାଷୀ କମ୍ବୁପାଣି ପୋଡ଼ । ଚାଷ ପ୍ରତି ତାଙ୍କର ବହୁତ ଆଗ୍ରହ। ନିଜର ପରିଶ୍ରମ କରି ଏକର ଏକର ଚାଷ ଜମିରେ ପନିପରିବା ଚାଷ କରି ଏବେ ନିଜେ ସ୍ୱାବଲମ୍ବୀ ହେବା ସହ ଗାଁର ଅନେକ ପରିବାରକୁ ରୋଜଗାର ଯୋଗାଇ ଦେଇଛନ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ବେଲପଡ଼ା ଗାଁର କମ୍ବୁପାଣି ପୋଡ଼ । ସେ ପାଠ ପଢି ଅଂଚଳର ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି । ସେ ବେଲପଡ଼ା ପଞ୍ଚାୟତ ହାଇସ୍କୁଲରେ ପୂର୍ବରୁ ପିଅନ ଚାକିରି କରୁଥିଲେ। ହେଲେ ଚାକିରି କରିବାକୁ ଇଚ୍ଛା ନକରି ପରବର୍ତ୍ତୀ ମୂହୁର୍ତ୍ତରେ ସେ ଚାକିରି ଛାଡି ଦେଇଥିଲେ । ପରେ ନିଜ ଗାଁ ବେଲପଡ଼ାରେ ବିଭିନ୍ନ ପନିପରିବା ଚାଷ ୫ ଏକର



ଜମିରେ କାର୍ଯ୍ୟ ଜାରି ରଖିଛନ୍ତି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଚାଷବାସ କରିଥାନ୍ତି। ସେଥିରୁ ଭଲ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରନ୍ତି। ସରକାରଙ୍କ ପକ୍ଷରୁ ଆଜିପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ମିଳିନଥିବା ସେ ପ୍ରକାଶ କରିଛନ୍ତି । ଏମାନେ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଳପଡ଼ା ପଞ୍ଚାୟତ ସର୍ଦ୍ଧାପୁର ଗାଁର ଶ୍ରମିକ । ଏହି ଶ୍ରମିକମାନେ ପୂର୍ବରୁ ଅନ୍ୟ ବିଭିନ୍ନ ଗାଁରେ କାମ କରୁଥିଲେ। ଏବେ କମ୍ବୁପାଣିଙ୍କ ପନିପରିବା ବଗିଚାରେ କାମ କରୁଛନ୍ତି। କମ୍ବୁପାଣି ନିଜେ ସ୍ୱାବଲମ୍ବୀ ହେବା ସହ ଆଉ ୧୦ ଗୋଟି ପରିବାରକୁ ରୋଜଗାର ଦେଉଛନ୍ତି। ଗାଁରେ କାମ ପାଇ ଶ୍ରମିକମାନେ ମଧ୍ୟ ଖୁସି ହୋଇ ଆଉ ବାହାର ରାଜ୍ୟକୁ ଖଟିବା ପାଇଁ ଯାଉନଥିବା କହିଛନ୍ତି । ଏ ନେଇ ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ସୁନୀଲ ମାଝୀ ଆଗାମୀ ଦିନରେ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ନୂଆବର୍ଷ-ଧାନକଟା ଛୁଟି



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସେତେବେଳେ ବର୍ଷକୁ ତିନୋଟି ଲମ୍ବା ଛୁଟି ମିଳୁଥିଲା ସ୍କୁଲରେ । ଖରାଦିନ ଛୁଟି, ଦୁର୍ଗାପୂଜା ଛୁଟି ଓ ଧାନକଟା ଛୁଟି । ମନେଥିବା ଶୈଶବସ୍ମୃତିରୁ କିଛି ପାଠକ ମାନଙ୍କ ପାଇଁ ପ୍ରକାଶ କରୁଛି ।

ଛୁଟିଦିନରେ ମଉଜମସ୍ତି ସାଙ୍ଗଙ୍କୁ ସାଙ୍ଗମାନେ ମିଶି ଭୋଜି କରୁଥିଲୁ । ଇଂରାଜୀ ନୂଆବର୍ଷକୁ ଆମେ ଜାଣିଥିଲୁ କିନ୍ତୁ ପାଳନ କରୁନଥିଲୁ । ଅନ୍ୟପକ୍ଷରେ ଧାନକଟା ଛୁଟିର ଆକର୍ଷଣ ଆମ ପାଇଁ ବିଶେଷ ମହତ୍ତ୍ୱପୂର୍ଣ୍ଣ ଥିଲା । ଧାନକଟା ଛୁଟିର ଅନେକ ପୂର୍ବରୁ ଆମେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଉଥିଲୁ । ଚାଷୀଭାଇ ଧାନ କାଟିବାବେଳକୁ ଆମେ ସବୁ ପିଲା କିଆରି ମୁଣ୍ଡରେ ଧାଡ଼ି ବାନ୍ଧି ଠିଆ ହୋଇ ଯାଉଥିଲୁ ଓ ମାଷ୍ଟ୍ରେ ଶିଖାଇ ଥିବା ଗୀତଟିକୁ ଖୁବ୍ ବଡପାଟିରେ ଆବୃତ୍ତି କରି ଧାନ ହଳାଟିଏ ଭିକ୍ଷା ମାଗୁଥିଲୁ । ମାଷ୍ଟ୍ରେ ଆମ ସହିତ ଯାଉଥିଲେ ବି ସେ କିଛି ଦୂରରେ ଠିଆ ହୋଇ ଆମକୁ ଶିଖାଇ ଥିବା ଗୀତଟିର ସଠିକ ଆବୃତ୍ତିକୁ ଅନୁଧ୍ୟାନ କରୁଥିଲେ । ଗୀତଟି ସମ୍ପୂର୍ଣ୍ଣ ମନେ ନପଡିଲେ ବି, ତାହାର ଭାବାର୍ଥ ଏବେ ବି ମନେଅଛି । ---'ହେ ଚାଷୀଭାଇ, ତୁମେ ସାରା ଦୁନିଆକୁ ଆହାର ଯୋଗାଇ ଧନ୍ୟ କରୁଛ । ତୁମଠାରୁ ଦୟାଳୁ ଆଉ କେହିନାହିଁ । ଆମ ପିଲାମାନଙ୍କୁ ପାଠପଢ଼ାରେ ସାହାଯ୍ୟ କରିବା ପାଇଁ, ଧାନ ହଳାଟିଏ ପ୍ରଦାନ କର' । ଏତେଗୁଡିଏ ପିଲାଙ୍କ ଗୀତ ଶୁଣି ଚାଷୀ ଭାଇ କୃତକୃତ୍ୟ ହେଉଥିଲେ ଓ ଆମକୁ ଅକୁଣ୍ଠିତ ଭାବେ କିଛି ଅଧିକ ହଳା ପ୍ରଦାନ କରୁଥିଲେ । କେତେକ ପିଲା ତତକ୍ଷଣାତ୍ ସେଗୁଡିକୁ ସ୍କୁଲକୁ ବୋହି ନେଉଥିଲେ । ଅନ୍ୟ ପିଲାମାନେ ଆଉ ଗୋଟିଏ କ୍ଷେତରୁ ଆଉ ଗୋଟିଏ କ୍ଷେତକୁ ଯାଇ ପୁନର୍ବାର ସେଇ ଗୀତଟିକୁ ଆବୃତ୍ତି କରି ଭିକ୍ଷା ମାଗୁଥିଲେ ।

ଧାନକଟା ଛୁଟି ସରିଲା ବେଳକୁ ସ୍କୁଲହତାରେ ଏକ ବଡ଼ ଧାନ ଗଦାଟିଏ ଠିଆ ହେଉଥିଲା । ତାକୁ ଅମଳ କରି ସେଇ ପଇସାରେ ମାଷ୍ଟ୍ରେ, ସ୍କୁଲ ପାଠୋପକରଣ ଆଦି କିଣି ଆଣୁଥିଲେ । ପଞ୍ଚାଶ ଦଶକରେ, ସ୍କୁଲରେ ମଧ୍ୟାହ୍ନ ଭୋଜନ ତ ଦୂରର କଥା କଳାପଟା ଓ ଚକଖଡି ଓ ଅନ୍ୟାନ୍ୟ ପାଠ୍ୟପୋକରଣ କିଣିବା ପାଇଁ , ସରକାରୀ ଅନୁଦାନ ନଥିଲା ।

ପାଠପଢା ସହିତ ଆମେ ଅନ୍ୟ କେତେକ କାମ ମଧ୍ୟ ଆପେ ଶିଖି ନେଉଥିଲୁ । ମାଷ୍ଟ୍ରଙ୍କ ରୋଷେଇ ପାଇଁ ଆବଶ୍ୟକୀୟ ଜାଳେଣି ଆମେ ସଂଗ୍ରହ କରୁଥିଲୁ ଓ ରୋଷେଇ ମଧ୍ୟ କରି ଦେଉଥିଲୁ । ମୁଠିଚାଉଳ ସହିତ ମାଷ୍ଟ୍ରଙ୍କ ପାଇଁ ବାଡ଼ି ପରିବା ଯଥା ସାରୁ, କଖାରୁ, ମଞ୍ଜା ପ୍ରଭୃତି ନେଉଥିଲୁ । ନଦୀକୂଳରେ ମାଷ୍ଟ୍ରଙ୍କ ଧୋତି ଓ ଗାମୁଛା ନେଇ ଅତି ଯତ୍ନର ସହିତ ସଫା କରୁଥିଲୁ । କେତେକ ଦୃଷ୍ଟିରୁ ସେତେବେଳର ଶିକ୍ଷା ବ୍ୟବସ୍ଥା, ଆମ ସ୍କୁଲ ଗୁରୁକୂଳ ଆଶ୍ରମ ସଦୃଶ୍ୟ ଥିଲା । ଦିନେ ଧାନକଟା ଛୁଟିରେ ଆମେ ପିଲାମାନେ ମିଶି ଏକ ଭୋଜିର ଆୟୋଜନ କଲୁ । ଏଥିପାଇଁ ବହୁଆଗରୁ ପସ୍ତୁତି ଆରମ୍ଭ ହୋଇଥିଲା । ଗହୀର ମଝାମଝି ଏକ ସ୍ଥାନକୁ ଭୋଜି ସ୍ଥଳ ରୂପେ ସ୍ଥିର କରା ଯାଇଥିଲା । ଏକ ବଡ ସାମୁଦ୍ରିକ ପକ୍ଷୀ, ଯାହାକୁ କି ସ୍ଥାନୀୟ ଭାଷାରେ ବଳଦିଆ ଚଢେଇ କୁହାଯାଏ, ତାକୁ ଖାଇବା ପାଇଁ ସାଙ୍ଗମାନଙ୍କ ଆଗ୍ରହ ଜନ୍ମିଲା ।

ରଙ୍ଗରେ ବଳଦ ପରି ଧଳା ଓ ଆକାରରେ ବଡ଼ ହୋଇ ଥିବାରୁ ସମ୍ଭବତଃ ଏହାର ନାମ ବଳଦିଆ ଚଢେଇ ରଖା ଯାଇଥିଲା । ଚଢେଇଟିର ଡେଣା ବହୁତ ବଡ । ତିନିଚାରି ଫୁଟ ହେବ । ଚଢେଇର ମାଂସ କୁଆଡେ ଭାରୀ ସୁଆଦ । ଏହି ଚଢେଇଟି ଦିନରେ ଦେଖିପାରେ ନାହିଁ । ଦିନବେଳା ବିଶ୍ରାମ ନେଇ ରାତି ବେଳା ଉଡିବାକୁ ପସନ୍ଦ କରେ । ଆମ ପିଲାମାନଙ୍କ ଠାରୁ ଅଗ୍ରୀମ ନେଇ, ଜନୈକ ବଙ୍ଗାଳୀ ଶରଣାର୍ଥୀ ଭାଇ, ଚଢେଇକୁ ଫାସ ବସେଇ ଧରିଥିଲା ଓ ଭୋଜିସ୍ଥଳକୁ ଆସି ଆମକୁ ହସ୍ତାନ୍ତର କରିଥିଲା । ଧାନକଟା ସରିଥିବା ଜମିରେ ଗହୀର ମଝାମଝି ସ୍ଥାନରେ ଭୋଜି ଆରମ୍ଭ ହେଲା । ସମସ୍ତଙ୍କ ମନରେ ଉତ୍ସାହ ଓ ଉଦ୍ଦିପନା । ଆବଶ୍ୟକୀୟ ସରଞ୍ଜାମ ସବୁ ଆମେ ଭୋଜି ସ୍ଥଳକୁ ନେଇଥିଲୁ । ଭାତ, ଡାଲି, ଆଳୁଦମ୍ ପ୍ରସ୍ତୁତି ସରିଗଲା । କେବଳ ମାଂସ ତରକାରୀକୁ ଅପେକ୍ଷା । ଏତେ ବଡ଼ ଚଢେଇଟିକୁ ମାରିବା ସପକ୍ଷରେ ମୁଁ ନଥିଲି । କାରଣ ପିଲାଦିନୁ ମୁଁ ଶାକାହାରୀ ଥିଲି । ସେଥିପାଇଁ, କେବଳ ମୋ ପାଇଁ ଶାକାହାରୀ ବ୍ୟଞ୍ଜନର ବ୍ୟବସ୍ଥା ହୋଇଥିଲା । ଏତେବଡ଼ ଚଢେଇଟିକୁ କିଏ ମାରିବ, ସାଙ୍ଗମାନଙ୍କ ଭିତରେ ବିଚାର ବିମର୍ଷ ଚାଲିଲା । କେହି ରାଜି ହେଲେ ନାହିଁ । ସ୍ୱାଦିଷ୍ଟ ମାଂସ ତରକାରୀ

## ଶୈଶବ ସ୍ମୃତି



ଲୋଭ ସମସ୍ତଙ୍କର ଥିଲେହେଁ, ଜୀବହତ୍ୟା ଜନିତ ପାପ ମୁଣ୍ଡେଇବାକୁ କେହି ରାଜିନଥିଲେ । ବହୁ ବାଦାନୁବାଦ ପରେ ସ୍ଥିର ହେଲାଯେ, ଚଢେଇଟିକୁ ବଧ କରିବାର ପାପ ସମସ୍ତେ ସମାନ ଭାବରେ ନେବେ । ଯୋଜନା ମୁତାବକ ବିଲ ମଝିରେ ଛଣ ଜାଳିବାକୁ ହେବ । ମୋତେ ଛାଡି ଅନ୍ୟ ସାଙ୍ଗମାନେ ଚଢେଇଟିକୁ ହାତରେ ଧରି ତିନିଥର ଜ୍ୱଳନ୍ତ ଅଗ୍ନିଶୀଖାକୁ ପ୍ରଦକ୍ଷିଣ କରିବେ । ନିଆଁ ଚାରିପଟେ ବୁଲୁଥିବା ବେଳେ ସେମାନେ ଚଢେଇର ଆତ୍ମାର ସଦ୍‌ଗତି ପାଇଁ-—'ରାମ ନାମ ସତ୍ୟ ହେ, ହରିନାମ ସତ୍ୟହେ' ବୋଲିବେ ଓ ଶେଷରେ ଚଢେଇକୁ ଜ୍ୱଳନ୍ତ ଅଗ୍ନିରେ ନିକ୍ଷେପ କରିବେ । ସୁତରାଂ ପକ୍ଷୀ ହତ୍ୟା ଜନିତ ପାପ ଆଉ ନିର୍ଦ୍ଦିଷ୍ଟ ଭାବେ କାହାକୁ ଲାଗିବ ନାହିଁ । ବିଶାଳକାୟ ଚଢେଇଟିର ଅଣ୍ଟ ଓ ଗୋଡ଼ କତା ଦଉଡିରେ ଶକ୍ତଭାବେ ବନ୍ଧା ହୋଇଥିଲା । ଯୋଜନା ମୁତାବକ ରାମ ନାମ ସତ୍ୟ ହେ କହି, ଚାରି ପଟେ ବୁଲି, ଚଢେଇଟିକୁ ଅଗ୍ନିକୁ ନିକ୍ଷେପ କଲାମାତ୍ରେ ଏକ ଅଘଟଣ ଘଟିଗଲା । ନିଆଁରେ ପଡି ବିଶାଳକାୟ ପକ୍ଷୀଟି ଉଡି ଯିବାକୁ ତାର ସମସ୍ତ ଶକ୍ତି ପ୍ରୟୋଗ କଲା । ଏଣେ ନିଆଁ ଝାସରେ, ତାର ଗୋଡରେ ବନ୍ଧା ହୋଇଥିବା କତା ଦଉଡ଼ିଟି ପୋଡି ଯିବାରୁ ସେ ସମ୍ପୂର୍ଣ୍ଣ ବନ୍ଧନ ମୁକ୍ତ ହୋଇ ଉପରକୁ ଉଡ଼ିବାକୁ ଲାଗିଲା । ସେତେବେଳେକୁ ଅନ୍ଧାର ହୋଇ ଯାଇଥିବାରୁ ନୀଶାଚର ପକ୍ଷୀଟିକୁ ଉଡିବାରେ ଆଦୌ ଅସୁବିଧା ହୋଇନଥିଲା ।

ମୋର ଠିକ ମନେଅଛି, ଚଢେଇଟି ସେଦିନ ଆକାଶରେ ସମ୍ପୂର୍ଣ୍ଣ ଅଦୃଶ୍ୟ ହେଲାପରେ ମଧ୍ୟ ଆମେ ବେଶ୍ କିଛି ସମୟ ଶୂନ୍ୟ ଆକାଶକୁ ଚାହିଁ ରହିଥିଲୁ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଉପକାରୀ ଫଳ ପିଜୁଳି

ଅନେକ ଉପକାରୀ ଗୁଣରେ ଭରପୂର ପିଜୁଳି । ଯେପରିକି ଏହା ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ହୃଦ୍‌ରୋଗର ଆଶଙ୍କା କମାଏ । ପାଚନକ୍ରିୟାକୁ ସୁସ୍ଥ ରଖେ ଏବଂ ଦୃଷ୍ଟିଶକ୍ତି ପାଇଁ ଲାଭଦାୟକ ହୋଇପାରେ । ଏହା ମଧ୍ୟ କୁହାଯାଏ ଯେ ପିଜୁଳି ପତ୍ର ମଧ୍ୟ ବିଭିନ୍ନ ରୋଗର ଔଷଧ ଭାବରେ ବ୍ୟବହୃତ ହୁଏ । ମଧୁମେହ ରୋଗୀଙ୍କ ପାଇଁ ପିଜୁଳି ଖାଇବା ଅତ୍ୟନ୍ତ ଉପକାରୀ । ଏହା ଏକ ପୁଷ୍ଟିକର ଫଳ ଯାହାର ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଥିବା ଅନେକ ଗୁଣ ରହିଛି ।



ଡା. ଇତିଶ୍ରୀ ଲେଙ୍କା

**ପ୍ରଚୁର ଫାଇବର :** ପିଜୁଳିରେ ପ୍ରଚୁର ପରିମାଣରେ ଫାଇବର ଥାଏ (୧୦୦ ଗ୍ରାମରେ ପ୍ରାୟ ୫.୪ ଗ୍ରାମ) । ଏହି ଫାଇବର ହଜମ ପ୍ରକ୍ରିୟାକୁ ଧୀର କରିଥାଏ । ଯାହାଦ୍ୱାରା ଶର୍କରା ଅବଶୋଷଣ କମିଯାଏ ଏବଂ ରକ୍ତ ଶର୍କରା ସ୍ତର ସ୍ଥିର ରହେ ।

**ଆଣ୍ଟିଅକ୍ସିଡାଣ୍ଟରେ ଭରପୂର :** ଏଥିରେ ଉଚ୍ଚ ମାତ୍ରାରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ମଧୁମେହ ସମ୍ବନ୍ଧୀୟ ଜଟିଳତା ଓ ପ୍ରଦାହକୁ କମ୍ କରିବାରେ ସାହାଯ୍ୟ କରେ ।

**ଓଜନ ନିୟନ୍ତ୍ରଣ :** ପିଜୁଳିରେ କମ୍ କ୍ୟାଲୋରୀ ଥାଏ ଏବଂ ଏହା ପେଟକୁ ଭର୍ତ୍ତି ରଖେ । ଯାହା ଓଜନ ପରିଚାଳନାରେ ସାହାଯ୍ୟ କରେ । ମଧୁମେହ ପରିଚାଳନା ପାଇଁ ସୁସ୍ଥ ଓଜନ ବଜାୟ ରଖିବା ଜରୁରୀ ।

**ହୃଦ୍ ସ୍ୱାସ୍ଥ୍ୟ :** ଏଥିରେ ଥିବା ପୋଟାସିୟମ୍ ଏବଂ ଫାଇବର ରକ୍ତଚାପ ଏବଂ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରେ, ଯାହା ମଧୁମେହ ରୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ।

**ଡାକ୍ତରଙ୍କ ପରାମର୍ଶ :** ଯଦି ଆପଣଙ୍କର ଡାଇବେଟିସ୍ ଅଛି, ତେବେ ନିଜ ଡାକ୍ତର କିମ୍ବା ଡାଏଟେସିଆନଙ୍କ ସହ ପରାମର୍ଶ କରି ଏହାକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ ।

ସଠିକ୍ ପରିମାଣରେ ଖାଇଲେ, ପିଜୁଳି ମଧୁମେହ ପରିଚାଳନା ଦିଗରେ ଏକ ଉତ୍କୃଷ୍ଟ ଏବଂ ସୁସ୍ଥ ବିକଳ୍ପ ହୋଇପାରିବ ।

ପୁରୀ, ମୋବାଇଲ୍ : ୯୧୧୪୭୫୭୮୦୧

## ସଂପାଦକୀୟ

# ଅନୁପ୍ରବେଶକାରୀ ଓ ସଂବାଳୁଆ ଉପାଖ୍ୟାନ

ଅନୁପ୍ରବେଶକାରୀ ଚିନ୍ତା ଏବେ ସମସ୍ତଙ୍କୁ ଘାରିଛି। ସେଥିପାଇଁ କି ପ୍ରକାର ପଦକ୍ଷେପ ନିଆଯିବା ଆବଶ୍ୟକ ସେଥିପାଇଁ ସରକାରୀ ସ୍ତରରେ ଆଲୋଚନା ପର୍ଯ୍ୟାଲୋଚନା ସହ ଅଭିଜ୍ଞତା ସମ୍ପନ୍ନ ଅଧିକାରୀ ମାନଙ୍କ ସହ ଏବେ ରୀତିମତ ମନ୍ତ୍ରଣା ଚାଲିଛି। ଶୀତଦିନେ ସଜନା ଗଛରେ ହେଉଥିବା ସଂବାଳୁଆ ସହିତ ସମାନ ଏହି ଅନୁପ୍ରବେଶକାରୀ ମାନେ। କାହିଁକି ସଂବାଳୁଆ ଏହି ମଜା କଥା ବିଷୟରେ ପ୍ରଥମେ ଜାଣି ନେବା। ଗାଆଁ ଗହଳି ଲୋକ ହୁଅନ୍ତୁ କି ସହର ସମସ୍ତେ ଆମେ ଶୀତ ଦିନେ ସଜନା ଗଛରେ ସଂବାଳୁଆମାନଙ୍କୁ ଗୋଟିଏ ଜାଗାରେ ମନ୍ଦା ହୋଇ ମୂଳରେ ରହିବାର ଦେଖିଥିବା। କିଛି ଲୋକ ସେମାନଙ୍କୁ ନିଆଁ ଜଳାଇ ପୋଡ଼ି ଦେଉଥିବା ବେଳେ ଆଉ କିଛି ଜଣ ଡିଟରଜେଣ୍ଟ ପାଣି ତାଙ୍କ ଉପରେ ଢାଳି ଦେଇଥାଆନ୍ତି। ଆଉ କିଛି ଏହା ପ୍ରକୃତିର ନିୟମ ବୋଲି କହି ସେମାନଙ୍କୁ ଛାଡ଼ି ଦେଇ କୁହନ୍ତି ଏ ସଂବାଳୁଆ କେତେ ଦିନ ? କାଲିକୁ ପକ୍ଷୀ ଲାଗି ପ୍ରଜାପତି ହୋଇ ଉଡ଼ିଯିବେ। ତେଣୁ ତାଙ୍କର କ୍ଷତି କାହିଁକି କରିବା। ଏବେ ଆସିବା ଅନୁପ୍ରବେଶକାରୀ ପ୍ରସଙ୍ଗ ସହିତ ସଂବାଳୁଆର କ'ଣ ସମ୍ପର୍କ। ମୁଁ ସଜନା ଗଛରେ ସଂବାଳୁଆ ମନ୍ଦା ଦେଖେ କିନ୍ତୁ ସେମାନେ କ'ଣ ଖାଆନ୍ତି ଓ ତାଙ୍କର ଜୀବନ ଶୈଳୀ ବିଷୟରେ କେବେ ଜାଣି ନଥିଲି। କିଛି ଦିନ ତଳେ ଆମ ଘରେ ସହାୟିକା ଭାବେ କାମ କରୁଥିବା ମାଆ ଜଣଙ୍କ କହିଲେ ବାବୁ ଗଛରେ ବହୁତ୍ ସଂବାଳୁଆ ହୋଇ ଗଲେଣି ତେଣୁ ସର୍ଫ ପାଣି ପକାଇ ଦିଅ ନହେଲେ ଅଳପ ଦିନରେ ଗଛ ପତ୍ର ସବୁ ଖାଇ ଦେବେ। ମୁଁ କହିଲି, ସେମାନେ ତ ମୂଳରେ ରହୁଛନ୍ତି ଏତେ ବଡ ଗଛ ଉପରକୁ ଚଢ଼ିବେ କେତେବେଳେ ଆଉ ଏତେ ଗଛ ପତ୍ରକୁ ଖାଇ ଗଛକୁ ଲଣ୍ଡା କରିବେ ପୁଣି କିପରି ଆଉ କେମିତି ? ସେ ହସି ଦେଲା ଆଉ କହିଲା ଏବେ ସକାଳ ୬ଟା ବାଜିଛି, ସନ୍ଧ୍ୟା ୬ଟା ବେଳେ ଯାଇ ଦେଖିବେ ସେମାନେ ତାଙ୍କ ଜାଗାରେ ଅଛନ୍ତି କି ନାହିଁ। ମୁଁ ସନ୍ଧ୍ୟା ୬ଟାରେ ଯାଇ ଦେଖେତ ତାଙ୍କ କହିବା କଥା ସତ ଥିଲା, ଗୋଟିଏ ବି ସଂବାଳୁଆ ତାଙ୍କ ଜାଗାରେ ନଥିଲେ। ସମସ୍ତେ ଯାଇ ଗଛର ଭିନ୍ନ ଭିନ୍ନ ଶାଖାର ଅଗ୍ର ଭାଗରେ ଯାଇ କଅଁଳିଆ ପତ୍ର ସବୁକୁ ଖାଇବାରେ ଲାଗିପଡିଛନ୍ତି। ଏହା ଅନ୍ୟମାନେ ହୁଏତ ଜାଣିଥିବେ କିନ୍ତୁ ମୁଁ ଜାଣି ନଥିଲି। ସେମାନଙ୍କ ଜୀବନ ଶୈଳୀ ପଢ଼ି ଜାଣିବାକୁ ପାଇଲି ସେମାନେ ଶତ୍ରୁ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଦିନବେଳେ ଗୋଟିଏ ଜାଗାରେ ମିଳିତ ଭାବରେ ଗଛର ମୂଳରେ ଆସି ରହିଥାନ୍ତି ଓ ରାତି ହେଲେ ସେମାନେ ସମ୍ପୂର୍ଣ୍ଣ ଗଛର ବିଭିନ୍ନ ସାଖାକୁ ଯାଇ ରାତି ସାରା ଖାଦ୍ୟ ଖାଇ ସକାଳ ପାଇବା ପୂର୍ବରୁ ପୁନଶ୍ଚ ଗଛ ମୂଳକୁ ଚାଲି ଆସିଥାନ୍ତି। ସେଥିପାଇଁ ମୁଁ ସଂବାଳୁଆମାନଙ୍କୁ ଆମ ରାଜ୍ୟ ଓ ଦେଶର ଅନୁପ୍ରବେଶକାରୀ ମାନଙ୍କ ସହ ଏଠାରେ ତୁଳନା କରିଛି। ଦିନରେ ଶାନ୍ତ ଲାଗୁଥିବା ଓ ଧିରସ୍ଥିର ହୋଇ ଗୋଟିଏ ଜାଗାରେ ରହିଥିବା ସଂବାଳୁଆମାନେ ରାତିରେ ହିଂସ୍ର ହୋଇ ନିଜେ ବସବାସ କରୁଥିବା ଗଛକୁ ଖାଇ ଧ୍ୱଂସ କରୁଥିବା ଭଳି ଅନୁପ୍ରବେଶକାରୀମାନେ ନିଜେ ଆଶ୍ରୟ ନେଇ ବଞ୍ଚୁଥିବା ରାଜ୍ୟ ବା ଦେଶରେ ରାତିରେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାରର ଅପରାଧ ମୂଳକ କାର୍ଯ୍ୟକଳାପରେ ଲିପ୍ତ ରହିବାର ଅନେକ ଅଭିଯୋଗ ଶୁଣିବାକୁ ମିଳୁଛି। ଅନ୍ୟପଟେ ଦିନରେ ସଂବାଳୁଆମାନେ ସୁନାପିଲା ଭଳି ଗୋଟିଏ ଜାଗାରେ ରହୁଥିବା ଭଳି ଅନୁପ୍ରବେଶକାରୀମାନେ ନିଜକୁ ଶାନ୍ତ, ସରଳ ଦେଖାଇ ହେବା ନିମନ୍ତେ ମହିଳାମାନେ କୋଉଠି ଛୋଟ ଛୋଟ ପିଲାଙ୍କୁ କାଖରେ ଜାକି ପେନ୍ ଆଉ ଖେଳନା ବିକ୍ରି ତ କେଉଁଠି ଚାଦର ଆଉ ବେଡ୍-ସିଟ ବିକ୍ରି କରି ପେଟ ପୋଷୁଛନ୍ତି ବୋଲି ଶାନ୍ତ ସରଳ ହୋଇଥିବାର ଅଭିନୟ କରୁଛନ୍ତି। ଆମ ରାଜ୍ୟ ସରକାର ଓ ରାଜ୍ୟର ଅଧିବାସୀମାନେ ଶାନ୍ତ ସରଳ ହୋଇଥିବାରୁ ଆମେ ଧୀରେ ଧୀରେ ସେମାନଙ୍କ ଜାଲରେ ଫସି ଯାଉଛେ। ଆମ ଦେଶପାଇଁ କେବଳ ବାଂଲାଦେଶ ନୁହେଁ ଆଫଗାନିସ୍ଥାନ, ମ୍ୟାଁମାର, ପାକିସ୍ଥାନ ଓ ତିବ୍ବତ ପଟରୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଛି। ଆସାମର ସୀମାନ୍ତ ଚିକେନ୍ସ-ନେକ୍ ଅଞ୍ଚଳକୁ ନେଇ ଏବେ ସେଠାକାର ସରକାର ଚିନ୍ତାରେ। ମାତ୍ର କିଛି ବର୍ଷର ବ୍ୟବଧାନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ବର୍ତ୍ତମାନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ। ବିଭିନ୍ନ କାରଣରୁ ସୀମାନ୍ତ ଛିଦ୍ରଯୁକ୍ତ ଓ ଅଭେଦ୍ୟ ନୁହେଁ ବୋଲି ଅନୁପ୍ରବେଶକାରୀମାନଙ୍କ ସଂଖ୍ୟା ବଢ଼ି ଚାଲୁଛି ବୋଲି ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ସ୍ଥଳ ଭାଗରେ ସୀମାନ୍ତକୁ ଅଭେଦ୍ୟ ନକଲେ ଏବଂ ଜଳଭାଗ ଉପରେ କଡା ନଜର ନରଖିଲେ ଅନୁପ୍ରବେଶକାରୀଙ୍କୁ ରୋକାଯିବା ଅତ୍ୟନ୍ତ କଷ୍ଟସାଧ ବ୍ୟାପାର ହୋଇ ପଡିବ। ସଂବାଳୁଆ ପରି ଦିନରେ ଶାନ୍ତ ସରଳ ଭାବ ଦେଖାଇ ରାତ୍ରି ହେଲେ ନିଜେ ରହୁଥିବା ସଜନା ଗଛକୁ ଖାଇ ଲଣ୍ଡା କରିଦେଉଥିବା ଭଳି ସେମାନେ ତାଙ୍କ ସଂଖ୍ୟା ବୃଦ୍ଧି କରି ଆମ ଦେଶର ଧର୍ମ ସଂସ୍କୃତିକୁ କେତେବେଳେ ଖାଇ ଦେଇଥିବେ ତାହା କେହି ଜାଣିପାରିବା ନାହିଁ। ସତର୍କତା ସ୍ୱରୂପ ଅନୁପ୍ରବେଶକାରୀଙ୍କୁ ନରୋକିଲେ ପରିଣତି ଭୟାଭୟ ହେବ।

# ସାଧୁ ସାବଧାନ !



ବିମଳ ଅଗ୍ରୱାଲ

ଖ୍ରୀଷ୍ଟମାସ ଉତ୍ସବ ପାଳନ ସମୟରେ ଆମ ଦେଶର ଅନେକ ଅଞ୍ଚଳରେ ଆତ୍ମଘୋଷିତ ହିନ୍ଦୁ ଧର୍ମଧ୍ୱଜାଧାରୀମାନେ ଭାଆରି ଗୋଟେ ଉତୁପାତିଆ ହେଲେ। ଭାରତରେ ବଡଦିନ ଉତ୍ସବ ପାଳନ କୁଆଡେ ହିନ୍ଦୁ ଧର୍ମ ପାଇଁ ଖତରା ବୋଲି ଦେଶବାସୀଙ୍କୁ ଚେତେଇବାପାଇଁ ମଲ, ମାର୍କେଟରେ, ସ୍କୁଲ ପରିସରରେ ଭନ୍ଙାରୁଜା ଓ ବାଡିଆପିଟା ; ଚର୍ଚ୍ଚ ଆଗରେ ହନୁମାନ ଚାଳିଶା ପାଠ ଓ ରାସ୍ତାଘାଟରେ ବଡଦିନ ସାମାନ ବିକୁଥିବା ଗରିବଗୁରୁବାଙ୍କୁ ଗୁଡିଏ ଧମକା ଚମକା କଲେ। କାଣି ବିଲେଇମାନଙ୍କର କୁଜି ଅସରପାଙ୍କ ଉପରେ ଦାଦାଗିରି ଭଳି ଏକଥା ଘଟିଲାବେଳକୁ ବିଶ୍ୱଗୁରୁ ଡିଗ୍ରୀ ପାଇଁ ଅପେକ୍ଷାରତ ଯାଙ୍କ ଆଦର୍ଶ ବଡଦିନ ଉତ୍ସବରେ ସାମିଲ ହୋଇ ଚର୍ଚ୍ଚ ମଧ୍ୟରେ ବାଇବେଲ ପାଠ କରୁଥିଲେ। ଏଇମାନେ କିଛିଦିନ ତଳେ ପାକିସ୍ତାନ - ବଙ୍ଗଳାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର



ବିରୋଧରେ ବିଳାପ କରି ସରକାରଙ୍କୁ ସେ ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଉଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ବାହାରେ ୟୁଏସ୍ଏ, ୟୁଏଇ, ଅଷ୍ଟ୍ରେଲିଆ, ୟୁକେ, ମାଲେସିଆ, କାନାଡା, କତାର ଭଳି ଅନେକ ଅଣହିନ୍ଦୁ ଦେଶରେ ଲକ୍ଷଲକ୍ଷ ଭାରତୀୟ ବସବାସ କରନ୍ତି। ବୈଦେଶିକ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ପ୍ରାୟ ଭାରତ ବାହାରେ ରହୁଥିବା ଭାରତୀୟଙ୍କ ସଂଖ୍ୟା ତିନିକୋଟିରୁ ଉର୍ଦ୍ଧ ହେବ। ଏହା ବ୍ୟତୀତ ଉନ୍ନତ ବେତନ ଓ ଜୀବନଚର୍ଯ୍ୟା ପାଇଁ ପ୍ରତିବର୍ଷ ଲକ୍ଷଲକ୍ଷ ଭାରତୀୟ ଦେଶର ନାଗରିକତା ଛାଡି ବିଦେଶ ଯାଉଛନ୍ତି। ହ୍ୱାଇଟହାଉସରେ ଦୀପାବଳୀ ପାଳନ, ଆମ ସ୍ୱାଧୀନତା ଦିବସରେ ବୁର୍ଜଖଲିଫାର ତିରଙ୍ଗା ଅନୁକରଣରେ ଆଲୋକିକରଣ, ଅଷ୍ଟ୍ରେଲିଆରେ ଛଟପର୍ବ ପାଳନ ପାଇଁ ସ୍ୱତନ୍ତ୍ର ପୁଷ୍କରିଣୀ ଖନନ ଏବଂ ଜାପାନରେ ରଥଯାତ୍ରା ପାଳନ ସେଠାରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ସମ୍ମାନର ପ୍ରଦର୍ଶନ । ଏହା ବ୍ୟତୀତ ଅନେକ ରାଷ୍ଟ୍ରରେ ଭାରତୀୟ ମୂଳ ଅଧିବାସୀ ଅନେକ ଉଚ୍ଚ ରାଜନୈତିକ ଓ ପ୍ରଶାସନିକ ପଦବୀରେ ପ୍ରତିଷ୍ଠିତ। ଏ ତଥାକଥିତ ଦେଶପ୍ରମୀ ଭୁଲିଯାଉଛନ୍ତି ଯେ ବର୍ତ୍ତମାନ ସାମାଜିକ ଗଣମାଧ୍ୟମର ବ୍ୟାପକତା ଏଠାରେ ଘଟୁଥିବା ସମସ୍ତ ଘଟଣାର ଦୃଶ୍ୟଶ୍ରାବ୍ୟ ସାରା ବିଶ୍ୱରେ ପ୍ରଚାରିତ କରୁଛି ଏବଂ ସାରା ବିଶ୍ୱରେ ଏହା ବିରୋଧରେ ପ୍ରତିକ୍ରିୟା, ପ୍ରତିରୋଧ ଏବଂ ସ୍ଥଳ ବିଶେଷରେ ଭାରତୀୟଙ୍କ ପ୍ରତି ପ୍ରତିହିଂସା ମଧ୍ୟ ଦେଖିବାକୁ ମିଳୁଛି। ଏହା ସେଠାରେ ସଂଖ୍ୟାଲଘୁ ଭାରତୀୟମାନଙ୍କୁ ଭୟଭୀତ କରିବା ସହିତ ଦେଶର ଧର୍ମନିରପେକ୍ଷ ଛବିକୁ ଧୂମିଳ କରୁଛି। କିଛି କିଛି ଦେଶରେ ଏହାର ପ୍ରତିକ୍ରିୟା ସ୍ୱରୁପ ହିଂସାକାଣ୍ଡ ମଧ୍ୟ ଦେଖିବାକୁ ମିଳିଲାଣି। ଏହା ବିଦେଶରେ ଉଚ୍ଚଶିକ୍ଷା ଓ ଉଚ୍ଚ ବେତନରେ କର୍ମନିଯୁକ୍ତିରେ ଭାରତୀୟମାନଙ୍କ ପାଇଁ ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଧର୍ମନିରପେକ୍ଷତା ଶବ୍ଦ ଯଦିଓ ସତୁରୀ ଦଶକରେ ସମ୍ବିଧାନରେ ଯୋଡାଗଲା ଏହା ଭାରତୀୟ ସମ୍ବିଧାନର ମୁଳ ଢାଞ୍ଚା କାରଣ ନିଜନିଜ ଧର୍ମର ପାଳନ ଓ ପ୍ରଚାରକୁ ଆମ ସମ୍ବିଧାନରେ ଆରମ୍ଭରୁ ମୌଳିକ ଅଧିକାରଭୁକ୍ତ କରାଯାଇଅଛି। ତେଣୁ ସମ୍ବିଧାନର ସଂରକ୍ଷଣ, ସୁରକ୍ଷଣ ଓ ପ୍ରତିରକ୍ଷଣର ଶପଥ ନେଇ ଶାସନ କରୁଥିବା ସରକାରମାନେ ଦେଶର ସମସ୍ତ ବ୍ୟକ୍ତିଙ୍କର ମୌଳିକ ଅଧିକାର ରକ୍ଷା କରିବାର ନୈତିକ ଓ ଆଇନଗତ ଭାବେ ଉତ୍ତରଦାୟୀ। ପୁନଶ୍ଚ ଏହା ସମ୍ବିଧାନର ପ୍ରସ୍ତାବନାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ 'ପ୍ରତ୍ୟେକ ବ୍ୟକ୍ତିର ମର୍ଯ୍ୟାଦାବୋଧ ସୁନିଶ୍ଚିତ କରିବା' (ବଫ୍ଷଫ୍ଷଙ୍କକ୍ଷସଭଶ ଫ୍ଷଷର ଯସଶଭସଫ୍ଷଛ କ୍ଟଲ ସଭଯସଙ୍ଗସୟଙ୍କବକ୍ଷ)। ଅନୈତିକ ଭାବରେ ଦେଶରେ ରହୁଥିବା ଅନୁପ୍ରବେଶକାରୀଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ କିନ୍ତୁ ଏହି ବାହାନାରେ ଆଇନଗତ ଭାବେ ଏଠାରେ ବସବାସ କରିଆସୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉତ୍ପୀଡନ ନକରାଯାଉ। ପରିଶେଷରେ ଏତିକି କୁହାଯାଇପାରେ କି ଧର୍ମକୁ ନେଇ ଆମେ ବିଭାଜନର ବିଭୀଷିକା ଭୋଗିସାରିଛେ। ଧର୍ମନିରପକ୍ଷତାକୁ ଆପଣେଇଥିବା ଆମ ଦେଶ ଏବଂ ଧର୍ମକୁ ରାଷ୍ଟ୍ର ଶାସନର ଭିତ୍ତି କରି ଦେଶରେ ଉନ୍ମାଦନା ସୃଷ୍ଟି କରିଥିବା ଆମ ପଡୋଶୀ ରାଷ୍ଟ୍ରମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ମଧ୍ୟରେ ଫରକକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସମସ୍ତେ ଅନୁଭବ କରୁଛନ୍ତି। ଆମ ପଡୋଶୀ ଦେଶରେ ସଂଖ୍ୟାଲଘୁମାନଙ୍କ ପ୍ରତି ସେଠାର ଶାସକମାନଙ୍କ ପୃଷ୍ଠପୋଷକତାରେ ପ୍ରୋତ୍ସାହିତ ଘୃଣା ସେଠାର ଧର୍ମୀୟ ଅନୁଷ୍ଠାନମାନନ୍କୁ ମଧ୍ୟ ପ୍ରଭାବିତ କରୁଛି। ଏବେ ପାକିସ୍ତାନରେ ମସଜିଦ୍, ହସ୍ପିଟାଲ୍ ଓ ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ବୋମା ବିସ୍ଫୋରଣ ଓ ଆତତାୟୀ ଆକ୍ରମଣର ଖବର ଆସୁଛି ଯେଉଁଠି ଶହଶହ ନିରୀହ ମୁସଲମାନ ପ୍ରାଣ ହରାଉଛନ୍ତି। ଆତଙ୍କି ଓ ଆତତାୟୀଙ୍କ ପାଇଁ ଧର୍ମ ଏକ ମୁଖା ମାତ୍ର। ମାଂସାସୀ ପଶୁ ଖାଦ୍ୟ ଅଭାବରେ ନିଜ ଶିଶୁଙ୍କୁ ଆହାର କଲାଭଳି ଇତର ଧର୍ମର ଲୋକେ ନଥିଲେ ଏମାନେ ନିଜନିଜ ଚରିତ୍ର ଅନୁଯାୟୀ ନିଜ ଦେଶ ଓ ଦେଶବାସୀଙ୍କ ବିରୋଧରେ ହିଂସାକାଣ୍ଡ ଘଟେଇବେ। ସେତେବେଳକୁ ନେଡିଗୁଡ କହୁଣୀକୁ ବୋହିଯାଇଥିବ। ସାଧୁ ସାବଧାନ।

(ମତାମତ ଲେଖକଙ୍କ ନିଜସ୍ୱ)

**ମୋବାଇଲ୍ : ୯୪୩୭୨୭୪୫୯୨**

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଜଳାଭାବ : ଗାଁମୁହାଁ ବନ୍ୟପ୍ରାଣୀ



**ପୁରୀ (ଭିଓଭି) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ଏବେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ଜଙ୍ଗଲ ମଧ୍ୟରେ ଥିବା ଛୋଟ ଛୋଟ ପୋଖରୀ, ନିକଟରେ ବହିଯାଇଥିବା ନଦୀନାଳ ସବୁ ସୁଖି ଯାଇଥିବାରୁ ଦେବୀ ନଦୀ ନିକଟରେ ଥିବା ଜଙ୍ଗଲରେ ପାଣି ମୁନ୍ଦାଏ ପାଇଁ ବନ୍ୟପ୍ରାଣୀ ଉହଳବିକଳ ହେଉଛନ୍ତି । ଶେଷରେ ତୃଷାର୍ତ୍ତ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି । ବନ୍ୟପ୍ରାଣୀ ପାଣି ଅନ୍ୱେଷଣରେ ଜଙ୍ଗଲର ତଳି ଅଞ୍ଚଳକୁ ଆସୁଥିବାରୁ ଗାଁ ଗହଳି ମଧ୍ୟରେ ପ୍ରବେଶ କରୁଥିବାର ଦେଖିବାକୁ ମିଳୁଛି ।

ସୂଚନାନୁଯାୟୀ, ଶନିବାର ପୂର୍ବାହ୍ନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଆଲସାହି ପଂଚାୟତ ଅନନ୍ତା ଗ୍ରାମର ଏକ ଦଳ ପୋଖରୀରେ ଗୋଟିଏ ହରିଣ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ । କିନ୍ତୁ ଗ୍ରାମବାସୀ ସୁରକ୍ଷିତ ଭାବେ ହରିଣକୁ ପୋଖରୀରୁ ଉଦ୍ଧାର କରି ରଖିବା ସହ ବନ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅସ୍ତରଙ୍ଗ ପୋଲିସ ଓ ବନାଞ୍ଚଳ ବନରକ୍ଷୀ ମିଲନ ମୁଦୁଲି, ଦିଲ୍ଲୀପ କୁମାର ନାୟକ ସମେତ ଅନ୍ୟ କର୍ମଚାରୀ ପହଂଚି ଗ୍ରାମବାସୀଙ୍କ ନିକଟରୁ ହରିଣକୁ ଉଦ୍ଧାର କରି ଚିକିତ୍ସା କରିବା ପରେ ହରିଣଟି ସୁସ୍ଥ ଥିବାରୁ ସହନ ପ୍ରସ୍ତାବିତ ଜଙ୍ଗଲରେ ଛାଡି ଦିଆଯାଇଛି । ଉଦ୍ଧାର ମାଈ ହରିଣ ଟି ୪ବର୍ଷର ବୋଲି ଅନୁମାନ କରାଯାଇଛି । ସେହିପରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉ କି ବିଭିନ୍ନ ସମୟରେ ବନ୍ୟପ୍ରାଣୀମାନେ ଗାଁ ଗହଳିକୁ ପ୍ରବେଶ କରିବା ସହ ଗତବର୍ଷ ମଧ୍ୟ ବିଭିନ୍ନ ଗାଁରେ ପ୍ରବେଶ କରି ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ନଜିର ରହିଛି ।

ଅସ୍ତରଙ୍ଗ ବନବିଭାଗ ଅଧୀନରେ ଥିବା ଜଙ୍ଗଲରେ ହରିଣ, ବାରହା, କୁଟୁରା ଭଳି ଅନେକ ବନ୍ୟପ୍ରାଣୀ ସହିତ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ରୁହନ୍ତି । ଜଙ୍ଗଲରେ ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ଚରମ ସୀମାରେ ପହଁଚିଛି । ଗ୍ରୀଷ୍ମଋତୁ ଆରମ୍ଭ ନହେଉଣୁ ଶୀତ ଦିନରେ ମଧ୍ୟ ଜଙ୍ଗଲ ଭିତରେ ଥିବା ନଦୀ, ନାଳ, ଛୋଟ ଛୋଟ ପୋଖରୀ ଶୁଖିଗଲାଣି । ଏଭଳି ସ୍ଥିତିରେ ପିଇବା ପାଣି ଟୋପାଏ ପାଇଁ ବନ୍ୟପ୍ରାଣୀମାନେ ଆଉଟୁ ପାଉଟୁ ହେଉଛନ୍ତି । ଅନେକ ସ୍ଥାନରେ ଜଙ୍ଗଲ ସଫା ହେବା ଯୋଗୁଁ ଭୟଭୀତ ହୋଇ ବନ୍ୟପ୍ରାଣୀ ମାନେ ଗାଁ ମୁହାଁ ହେଉଛନ୍ତି । କିଛିଦିନ ତଳେ ହରିଣ ଜନବସତି ଅଞ୍ଚଳକୁ ଚାଲିଆସୁଥିବା ଲକ୍ଷ୍ୟ କରାଯାଇଛି । ସରକାର ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନାରେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ହେଲେ ସେ ସବୁରେ ଅନିୟମିତତା କରାଯାଉ ଥିବାରୁ ଏଭଳି ସ୍ଥିତି ହେଉଥିବା ପରିବେଶବିତ ଉଦ୍‌ବେଗ ପ୍ରକାଶ କରିଛନ୍ତି । ବିଭିନ୍ନ ସମୟକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ମାନଙ୍କ ପାଇଁ ଜଙ୍ଗଲର ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ କୁଣ୍ଡ କରି କିମ୍ବା କୌଣସି ଉପାୟରେ ପାଣି ରଖିଲେ ସେମାନଙ୍କ ତୃଷା ମେଣ୍ଟିପାରିବ । ଯାହାକି ବନ୍ୟପ୍ରାଣୀ ମାନେ ପାଣି ବିନା ଗାଁ ମୁହାଁ ହେବେ ନାହିଁ ବୋଲି ମତ ଦେଇଛନ୍ତି ପରିବେଶବିତ୍ ସରୋଜ ଜେନା ।

# ଅନ୍ଧାରରେ ଲଢୁଛି ଅନ୍ଧାରୁଆ

**ଭୁବନେଶ୍ୱର (ଭିଓଭି) :** ରାଜଧାନୀର ଦ୍ରୁତ ବିକାଶ ହେଉଛି । ସହରର କଳେବର ବଢୁଛି । ହେଲେ ଖୋଦ୍ ରାଜଧାନୀର ଅନେକ ଅଞ୍ଚଳ ଅବହେଳିତ ହୋଇ ରହିଛି । ସେଠାରେ ବିକାଶ ଯେମିତି ସାତ ସପନ । ହଁ ଆମେ କହୁଛି ଭୁବନେଶ୍ୱର ବ୍ଲକ ଚନ୍ଦକା ପଞ୍ଚାୟତର ଅନ୍ଧାରୁଆ ଗାଁ କଥା । ଦୀପ ତଳ ଅନ୍ଧାର ଭଳି ଅବହେଳିତ ଅବସ୍ଥାରେ ରହିଛି ଏହି ଅଞ୍ଚଳ । ଅନ୍ଧାରରେ ରାଜଧାନୀର ଗାଁ । ଗାଁ ବାହାରକୁ ଗଲେ ସନ୍ଧ୍ୟା ପୂର୍ବରୁ ଫେରିବାକୁ ପଡ଼ିବ । ଏଭଳି ସ୍ଥିତି କୌଣସି ଉପାନ୍ତ ଅଞ୍ଚଳର ନୁହେଁ । ଖୋଦ ରାଜଧାନୀ ଉପକଣ୍ଠ ଚନ୍ଦକା ପଞ୍ଚାୟତର ଅନ୍ଧାରୁଆ ଗାଁର । ଭୁବନେଶ୍ୱରରୁ ଚନ୍ଦକା ଦେଇ କଟକକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର । ଏହା ଆଜିକାଲିର ନୁହେଁ, ସ୍ୱାଧୀନତା ପରଠାରୁ ଏଭଳି ସ୍ଥିତି । ଏହି ରାସ୍ତାରେ ପ୍ରତିଦିନ ଗଡୁଛି ଲକ୍ଷ ଲକ୍ଷ ଗାଡ଼ି । ଅନ୍ଧାର ଯୋଗୁଁ ପ୍ରାୟ ପ୍ରତିଦିନ ଘଟୁଛି ଛୋଟ ବଡ଼ ଦୁର୍ଘଟଣା । ଗତ ଶୁକ୍ରବାର ସନ୍ଧ୍ୟାରେ ବସ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ଜୀବନ ଯାଇଥିବା ବେଳେ ଗତ ମଙ୍ଗଳବାର ଜଣେ ବୃଦ୍ଧା ଗୁରୁତର ହୋଇଥିଲେ । ପ୍ରତିଦିନ ପ୍ରାୟ ଏଭଳି ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ରାଜଧାନୀକୁ ସରସ ସୁନ୍ଦର କରିବା ପାଇଁ ହେଉଛି ବଡ଼ ଯୋଜନା । ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ଟାଉନ ପ୍ଲାନିଂ ଠାରୁ ଆରମ୍ଭ କରି ରାଜସ୍ୱ ଗ୍ରାମ ଗୁଡ଼ିକୁ ବିଡିଏ ଅନ୍ତର୍ଭୁକ୍ତ କରାଯାଉଛି । ହେଲେ ଉନ୍ନୟନ ଶୂନ । ଆଜି ବି ଅନ୍ଧାର ସହିତ ଲଢ଼େଇ କରୁଛି ଅନ୍ଧାରୁଆ । ପ୍ରଶାସନିକ ସ୍ତରରେ ପଦକ୍ଷେପ ନେଇ ତୁରନ୍ତ ମୁଖ୍ୟ ରାସ୍ତାକୁ ଆଲୋକୀକରଣ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ।

# ମହାନଦୀରେ ମିଶୁଛି କଟକର ଆବର୍ଜନା

**କଟକ (ଭିଓଭି) :** କଟକର ଅନ୍ୟତମ ମନୋରମ ସ୍ଥାନ ମହାନଦୀ ନଦୀ କୂଳ । ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏଠାରେ ଆସି ସମୟ ଅତିବାହିତ କରିଥାନ୍ତି । ହେଲେ ମହାନଦୀ କୂଳରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା । ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ମହାନଦୀ ଜଳ । ଏସବୁ ଦେଖି ବି ଚୁପ୍ ପ୍ରଶାସନ ।



କଟକ ସହରର ଅଳିଆ ଆବର୍ଜନା ସବୁ ମହାନଦୀରେ ମିଶୁଛି । କିନ୍ତୁ ସଫା ହେବାର ନାଁ ଗନ୍ଧ ନାହିଁ । ମହାନଦୀ ପାଣିକୁ ପ୍ରଦୂଷଣମୁକ୍ତ କରିବାକୁ ଏହା କୂଳରେ ଭୋଜି କରିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ହେଲେ ପରିତାପର ବିଷୟ ମହାନଦୀ କୂଳ ସଫେଇ ପ୍ରତି ଆଖି ବୁଜି ଦେଇଛି ପ୍ରଶାସନ । ଏକଦା ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ନିର୍ମାତାଙ୍କୁ ମହାନଦୀ କୂଳ ଆକର୍ଷିତ କରୁଥିଲା । ହେଲେ ଏବେ ସେ ପରିବେଶ ନାହିଁ । ପାଣିରେ ଗୋଡ଼ ବୁଡ଼ାଇବାକୁ ବି ଲୋକେ ନାକ ଟେକୁଛନ୍ତି । କଟକର ଚହଟା ଘାଟ, ମକରାକୁଡ଼ିଆ, ପାର୍କ ତୁଠ, ଅଲେଖ ଟୁଙ୍ଗି ଗଡ଼ା, ହାତୀଗଡ଼ା ତୁଠ, ଯୋବ୍ରା ତୁଠର ପରିବେଶ ଆବର୍ଜନାମୟ ହୋଇପଡ଼ିଛି । ଅନ୍ୟପଟେ ତୁଳସୀପୁର, କମଳାକାନ୍ତ ବିଦ୍ୟାପୀଠ, ରେଳପୋଲ, ଶିଖରପୁର, ଗାନ୍ଧୀପଲ୍ଲୀ, ନେହରୁପଲ୍ଲୀ, ଭଦିମୂଳ, କହ୍ନେଇପୁର, ଗଡିରାଉତପାଟଣା, ଆୟଉପୁର ଓ ଜଗତପୁର ଶିଳ୍ପାଞ୍ଚଳ ଆଦି ଏକାଧିକ ସ୍ଥାନର ଆବର୍ଜନା ପାଣି ମହାନଦୀରେ ମିଶୁଥିବାରୁ ମହାନଦୀ ପାଣି ପ୍ରଦୂଷିତ ହେଉଛି । ଓଡ଼ିଶାର ଅନ୍ୟତମ ଐତିହ୍ୟ ମହାନଦୀ ଜଳ କେବେ ପ୍ରଦୂଷଣମୁକ୍ତ ହେବ ତାହା ଦେଖିବାକୁ ବାକି ରହିଲା ।

## ମାଲକାନଗିରି ଜିଲ୍ଲା ଡାକ୍ତର ସଂଘର ଆନ୍ଦୋଳନ

# ପ୍ରତିଦିନ ଘଣ୍ଟାଏ ଓପିଡି ବର୍ଜନ




**ମାଲକାନଗିରି (ଭିସଭି) :** ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍ସା) ର ଆହ୍ୱାନ କ୍ରମେ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଡାକ୍ତରମାନେ ସେମାନଙ୍କର ୧୮ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବାର ଦେଖିବାକୁ ମିଳିଛି । ଡାକ୍ତରମାନଙ୍କ କହିବା ଅନୁଯାୟୀ, ଦୀର୍ଘ ୪ ମାସ ଧରି ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସେମାନଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାଁନ୍ତି । ଏହାର ପ୍ରତିବାଦ ସ୍ୱରୂପ, ସେମାନେ ପ୍ରତିଦିନ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ପାଇଁ ଓପିଡି ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ଏକ ଘଣ୍ଟା ଓପିଡି ବର୍ଜନ ଯୋଗୁଁ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଏହି ଆନ୍ଦୋଳନ ଯୋଗୁଁ କେବଳ ସ୍ଥାନୀୟ ଲୋକ ନୁହନ୍ତି, ବରଂ ପଡୋଶୀ ରାଜ୍ୟ ଛତିଶଗଡ଼ ଏବଂ ଜିଲ୍ଲା ଆଭ୍ୟନ୍ତରୀଣ ଅଞ୍ଚଳରୁ ଆସୁଥିବା ଗରିବ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ବହୁ ଦୂରବାଟ ଅତିକ୍ରମ କରି ଆସୁଥିବା ରୋଗୀମାନେ ଡାକ୍ତରଖାନାରେ ଡାକ୍ତରଙ୍କୁ ନପାଇ ନାହିଁ ନଥିବା ହଇରାଣ ହେଉଛନ୍ତି । ଡାକ୍ତରମାନେ ସେମାନଙ୍କର ୧୮ ଦଫା ଦାବିରେ ଅଟଳ ଥିବାବେଳେ, ସରକାରୀ ସ୍ତରରେ କୌଣସି ସମାଧାନ ନହେବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରହିବ ବୋଲି ଜଣାପଡିଛି । ତେବେ ରୋଗୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ସେବା ବା ଏମରଜେନ୍ସିକୁ ଚାଲୁ ରଖାଯାଇଛି । ଯଦି ସରକାର ତୁରନ୍ତ ଏହି ଦାବିଗୁଡ଼ିକୁ ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ରୂପ ନେବ ବୋଲି ଡକ୍ଟରମାନେ ଚେତାବନୀ ଦେଇଛନ୍ତି ।

## କାୟା ମେଲାଉଛି କିଡ୍‌ନି ରୋଗ

# ଗୋଟିଏ ଗାଁରୁ ନେଲାଣି ୨୦ ମୁଣ୍ଡ

**ସୁବର୍ଣ୍ଣପୁର (ଭିଓଭି) :** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଉପାନ୍ତ ଅଚଂଳରେ ଥିବା ସୁନାପାଲି ଗାଁରେ କିଡନି ରୋଗ ମାହାମାରୀର ରୂପ ନେଉଛି । ବିଗତ ଦିନରେ ଗାଁର ପ୍ରାୟ ୨୦ ଜଣ ରୋଗୀ ଏଥିରେ ମୃତ୍ୟୁ ବରଣ କଲେଣି । ଜୀବନ ବଞ୍ଚାଇବା ପାଇଁ ଲୋକେ ଏବେ ଚିନ୍ତାରେ ରହୁଥିବା ବେଳେ ଅନେକ ପିଲାଙ୍କ ପାଠପଢ଼ାରେ ଡୋରି ଲାଗିଛି । ହେଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି । ଗାଁ ଦାଣ୍ଡ ଶୂନଶାନ, କାଁ ଭାଁ ଲୋକ ଦେଖାଯାଉଛନ୍ତି । ଏ ହେଉଛି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ଉପାନ୍ତ ସୁନାପାଲି ଗାଁର ଖବର । ଏଠାରେ ପ୍ରାୟ ୪ଶହରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି । ଗାଁରେ ଧୀରେଧୀରେ କିଡନି ରୋଗ କାୟା ବିସ୍ତାର କରୁଛି । ଭୟରେ ଲୋକ ଭିଟାମାଟି ଛାଡ଼ିବା ଭଳି କଥା ସାମ୍ନାକୁ ଆସୁଛି । ବିଗତ କିଛି ବର୍ଷରେ ଗାଁର ପ୍ରାୟ ୨୦ରୁ ଅଧିକ ଲୋକଙ୍କ ଜୀବନ ନେଇସାରିଛି ଏ ରୋଗ । ଏବେ ବି ୮-୧୦ଜଣ ଯୁବକ କିଡ୍ନି ରୋଗରେ ଆକ୍ରାନ୍ତ । ଦିନ ମଜୁରି କଲେ ଘରେ ଚୁଲି ଜଳେ, ତେଣୁ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଏନେଇ ଗାଁ ଲୋକ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ହେଲେ ସହଯୋଗ ବଦଳରେ ନିରାଶା ମିଳିଥିବା ଅଭିଯୋଗ ହୋଇଛି । ସୁନାପାଲି ଗାଁରେ ରହିଛି ୩ଟି ନଳକୂପ । ମାତ୍ର ଗୋଟିଏରୁ ପିଇବା ଯୋଗ୍ୟ ପାଣି ବାହାରୁଛି । ଅନ୍ୟଗୁଡ଼ିକ ଅନେକ ସମୟରେ ଅଚଳ । ସରକାରୀ ପାଇପ ପିଇବା ପାଣି ଏଠିକାର ଠିକଣା ପାଉନି, ବସୁଧା ଯୋଜନା କେବଳ ବାହାସ୍ଫଟ । ସୁନାପାଲି ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାଣି ଏକ ସ୍ୱପ୍ନ । ଗାଁରେ ପ୍ରତିବର୍ଷ ଏକାଧିକ ଲୋକ କିଡ୍‌ନି ରୋଗରେ ପୀଡ଼ିତ ହେଉଛନ୍ତି, ବିଡମ୍ବନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଖରେ ଏହାର ଖବର ନାହିଁ । ଯେକୌଣସି କାରଣ ପାଇଁ ହେଉନା କହିଁକି କିଡ୍ ?ନି ରୋଗରେ ସୁନାପାଲି ଗାଁରେ ଲୋକେ ମୃତ୍ୟୁ ବରଣ କରିବା ସହିତ ଯୁବକମାନେ ରୋଗାକ୍ରାନ୍ତ ହେବା ଚିନ୍ତାର କାରଣ ହୋଇଛି । ଖୁବଶିଘ୍ର ଡାକ୍ତର ଟିମ୍ ସୁନାପାଲିରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ଚିକିତ୍ସା ଯୋଗାଇବା ଜରୁରୀ ହୋଇପଡିଛି ।



## ମଣିମା ଶୁଣିମା ହେଉ...

ଅପପୁଷ୍ଟି ନିୟନ୍ତ୍ରଣ ପାଇଁ ପ୍ରମୁଖ ଖାଦ୍ୟ ଅଣ୍ଡା । ଏବେ ହୁ ହୁ ହୋଇ ବଢ଼ି ଚାଲିଛି ଦର । ମାସକରେ ୭ଟଙ୍କାରୁ ଛୁଇଁଲାଣି ୯ଟଙ୍କା । ଖାଇବା ଥାଳିରୁ ଗଲାଣି ଉଭେଇ । ଆଗକୁ ପ୍ରଭାବିତ ହୋଇପାରେ ପୋଷଣ ଯୋଜନା।
**(ସାଧାରଣ ଜନତା )**

ପ୍ରଦୂଷଣ ପ୍ରମାଣ ପତ୍ର ଥିବା ଗାଡ଼ିରେ ଲାଗିବ ଗ୍ରୀନ୍ ଷ୍ଟିକର। ଗ୍ରୀନ୍ ଷ୍ଟିକର ପରିବହନ ବିଭାଗ ଯୋଗାଇ ଦେବ। ପ୍ରଦୂଷଣ ପ୍ରମାଣ ପତ୍ର ନଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ମନ୍ତ୍ରୀ। ଲୋକେ ଚିନ୍ତାରେ । ପ୍ରଦୂଷଣ ସାର୍ଟିଫିକେଟ ଭଳି ଗ୍ରୀନ୍ ଷ୍ଟିକର ପାଇଁ ପୁଣି ଲମ୍ବା ଲାଇନ୍ ଲଗାଇବାକୁ ପଡ଼ିବ ବୋଲି ସନ୍ଦେହ। **(ସାଧାରଣ ଜନତା)**

ସମସ୍ତେ ଟାଟା ପାୱାର ଉପରେ ଦୋଷ ଦେଉଛନ୍ତି। ରାଜ୍ୟ ସରକାର କାହିଁକି ଅସହାୟ ? ସରକାରଙ୍କ ନିୟନ୍ତ୍ରଣରେ ଏସବୁ ଜିନିଷ ନାହିଁ। କାରଣ ଟାଟା ପାୱାରର ୫୧% ଶେୟାର ରହିଥିବା ବେଳେ ରାଜ୍ୟ ସରକାର ଓ ଗ୍ରୀଡକୋର ଶେୟାର ହେଉଛି ୪୯% ।
**ଜିନେଶ ଦାସ, ଯୁବ ଛାତ୍ର ସମାଜ ପ୍ରତିଷ୍ଠାତା**

ଭୁବନେଶ୍ୱରରେ ଯୁଆଡ଼େ ଦେଖ ରାସ୍ତା କାମ ଚାଲିଛି । ସବୁଆଡ଼େ ଆଗେ ରାସ୍ତା ଖୋଳା ହେଉଛି, ତା' ପରେ ପୋତା ହେଉଛି । ଖୋଳା ହେଉଛି, ପୋତା ହେଉଛି । ଧୂଳି ଯେ କହିବାର ନାହିଁ । ବାୟୁ ପ୍ରଦୂଷଣ ଏହି ଖୋଳାତଡ଼ା ଯୋଗୁଁ ବଢ଼ିଗଲାଣି କେତେ । ନିଶ୍ୱାସ ନେଲାବେଳକୁ କଷ୍ଟ ହେଉଛି । ଦିଲ୍ଲୀ ଭଳିଆ ବାୟୁ ପ୍ରଦୂଷଣ ଅନୁଭବ ହେଉଛି ଘରୁ ବାହାରକୁ ଗଲେ ।
**- ଅନନ୍ୟା ଦାଶ**

The growing Dadan problem in Dharamgarh is a serious concern. The loss of three migrant workers in a single week highlights the need for immediate and permanent solutions.
**- Deepa Barik**

## ଓଡ଼ିଶା ରାଜନୀତିରେ ବଡ଼ ହଲ୍‌ଚଲ୍

# ନୂଆବର୍ଷରେ ନୂଆ ଆଞ୍ଚଳିକ ଦଳ !



**ଭୁବନେଶ୍ୱର (ଭିଓଭି) :** ବିଜେଡିରେ କିଛି ଠିକ୍ ଠାକ୍ ଚାଲିନି । ଗୋଟିଏ ପରେ ଗୋଟିଏ ଜିଲ୍ଲାରୁ ବିଜେଡିକୁ ବେଦଖଲ କରୁଛି ବିଜେପି । ଏପଟେ କଂଗ୍ରେସ ନେତାଙ୍କ ମନ ମିଶୁନି । ଓଡ଼ିଶା ରାଜନୀତିର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନୂଆ ଆଂଚଳିକ ଦଳ ଗଠନ ଚର୍ଚ୍ଚା ଜୋର ଧରିଛି । ୨୦୨୬ରେ କଡ଼ ଲେଉଟାଇପାରେ ଓଡ଼ିଶା ରାଜନୀତି । ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟ ରଖି ଏବେଠୁ ମେଳି କଲେଣି ରାଜ୍ୟର ପ୍ରମୁଖ ଦଳର ବରିଷ୍ଠ, ଅସନ୍ତୁଷ୍ଟ ଓ ଅନୁଭବୀ ନେତା । ନିଜ ଦଳ ବିରୋଧରେ ଖୋଲା ମନ୍ତବ୍ୟ ଦେଇ ସୂଚାଇଲେଣି ନୂଆ ବର୍ଷରେ ସେମାନେ ନେଇପାରନ୍ତି ନୂଆ ନିଷ୍ପତ୍ତି । ଏପଟେ ନୂଆବର୍ଷରେ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚା ବଢୁଛି ।

କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ବିଜେଡ଼ି ଛାଡ଼ିଥିବା ପୂର୍ବତନ ସାଂସଦ ଏନ୍. ଭାସ୍କର ରାଓଙ୍କ ଗତିବିଧି ଏମିତି ସଙ୍କେତ ଦେଉଛି । ଜିଲ୍ଲା ବୁଲି ସମର୍ଥକ ଯୋଗାଡ଼ କରୁଛନ୍ତି ମୋକିମ୍ । ଆଉ ଭାସ୍କର ରାଓ ଖୋଲି କହିଲେଣି ଯେ ନୂଆବର୍ଷରେ ଧମାକା ହେବ । ଅମର ଶତପଥୀ, ବିଜୟ ମହାପାତ୍ରଙ୍କ ଭଳି ବରିଷ୍ଠ ନେତାଙ୍କ ପୂର୍ବାନୁମାନ ହେଉଛି, ଆଗକୁ ଓଡ଼ିଶାରେ ବହୁତ କିଛି ଘଟଣା ଘଟିବ ।

ଓଡ଼ିଶା ରାଜନୀତିରେ ବିଜେଡିର ବଳ କମିବାରେ ଲାଗିଛି । ତଣ୍ମୂଳସ୍ତରରେ ସଂଗଠନ ସଜାଡୁଛି ବିଜେପି । ଅନ୍ତଃକନ୍ଦଳରୁ ମୁକୁଳିପାରୁନି କଂଗ୍ରେସ । ଏଭଳି ସ୍ଥିତିରେ ନୂଆ ଆଞ୍ଚଳିକ ଦଳ ଗଠନର ଚର୍ଚ୍ଚା ଜମିବା ସ୍ୱାଭାବିକ । ହେଲେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ବକ୍ତବ୍ୟ ଚର୍ଚ୍ଚାକୁ ନୂଆ ମୋଡ଼ ଦେଇଛି । ତାଳଚେରରେ ଏକ ସଭାରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ଖାଲି ଦଳ ସୃଷ୍ଟି କରିଦେଲେ ହେବ ନାହିଁ । ଦଳମାନେ ତାଙ୍କ ଦାୟିତ୍ୱ ନିଭାଇବା ଅଭ୍ୟାସ କରନ୍ତୁ । ୧୯୯୭ରେ ବିଜେଡି ଗଠନ ଓ ଲମ୍ବା ୨୪ବର୍ଷ ଶାସନ ପରେ ସିଦ୍ଧ ହୋଇଛି ଯେ ଓଡ଼ିଶା ରାଜନୀତିରେ ଆଞ୍ଚଳିକ ଦଳ ବିଶେଷ ପ୍ରଭାବ ପକାଇପାରେ । ଏଣୁ ବିଜେପି ଓ କଂଗ୍ରେସକୁ ରୋକିବାକୁ ଆଉ ଏକ ଆଞ୍ଚଳିକ ଦଳ ହିଁ ଔଷଧ ବୋଲି ରାଜନୈତିକ ପଣ୍ଡିତ ମତ ରଖୁଛନ୍ତି ।

## ବ୍ରହ୍ମପୁର ସହର ସାରା ମାଳମାଳ ହୋର୍ଡିଂ

# ମାଲାମାଲ୍ ଏଜେନ୍ସି : ବାକି ପଡ଼ିଛି ସାଢ଼େ ୪ କୋଟି

**ବ୍ରହ୍ମପୁର (ଭିଓଭି) :** ସହର ସାରା ଛାଇ ଯାଇଛି ହୋର୍ଡିଂ । ମାଳମାଳ ବିଜ୍ଞାପନର ପ୍ରଚାର ପ୍ରସାର ଚାଲିଛି । ତାରକାଙ୍କ ଫଟୋରେ କମ୍ପାନି ନାଁ ଫୁଟିକି ଦିଶୁଛି । ହେଲେ ଏ ବାବଦରେ ଟଙ୍କା ପାଉନି ବ୍ରହ୍ମପୁର ମହାନଗର ନିଗମ । ଯାହାକୁ ନେଇ ଉଠିଛି ପ୍ରଶ୍ନ । ପ୍ରତି ମାସରେ ମହାନଗର ନିଗମ ଲକ୍ଷାଧିକ ଟଙ୍କା ହୋର୍ଡିଂ ଟିକସ ପାଇବା କଥା । ଏପରିକି ଟେଣ୍ଡର ପାଇଥିବା 'ବିଗ୍ ସ୍କ୍ରିନ୍' ଏଜେନ୍ସି ବି ମାସକୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ହେଲେ ଏହି ଏଜେନ୍ସି ୨୦୨୩-୨୪ ଆର୍ଥିକ ବର୍ଷରେ ଟେଣ୍ଡର ପାଇବା ଦିନରୁ ଟିକସ ବାକି ପକାଇ ଚାଲିଛି। ୨୦୨୩-୨୪ରେ ୭୭, ୯୨,୭୨୦ ଟଙ୍କା, ୨୦୨୪-୨୫ରେ ୨,୪୧,୫୭,୪୩୨ ଟଙ୍କା ଓ ୨୦୨୫-୨୬ରେ ୧,୭୧,୪୩,୯୮୪ ଟଙ୍କା ବାକି ରଖିଛି । କେବଳ ଏହି 'ବିଗ୍ ସ୍କ୍ରିନ୍' ଏଜେନ୍ସି ପାଖରେ ଚକ୍ରବର୍ତ୍ତୀ ସୁଧହାରରେ ମୋଟ୍ ୩ କୋଟି ୩୨ଲକ୍ଷ ୪୯ହଜାର ୫୯୬ ଟଙ୍କା ବାକି ପଡ଼ିଛି । ସେହିପରି ଟରେଣ୍ଟ ଆଡଭର୍ଟାଇଜ୍‌ମେଣ୍ଟସ୍ ୪,୭୧୦୦୦ ଟଙ୍କା, ପପୁ ଆଉଟ୍‌ଡୋର ଆଣ୍ଡ୍ ମିଡିଆ ୨୦,୪୬୦୦୦ ଟଙ୍କା, ଇଣ୍ଡସ୍ ମିଡିଆ ଆଡଭର୍ଟାଇଜ୍‌ମେଣ୍ଟସ୍ ୬୦୨୦୦୦ ଟଙ୍କା, ଏମ୍‌ଏସ୍ ମେଟ୍ରୋ ସାଇନ୍‌ଏଜ୍ ୧୪୩୨୦୦୦ ଟଙ୍କା, ଏମ୍‌ଏସ୍ ଏକ୍ୱୋଟିକ୍ ସାଇନ୍‌ଏଜ୍ ୧୭୩୪୦୦୦ ଟଙ୍କା, ଏକ୍ୱଏସି ଆଡଭର୍ଟାଇର୍ଜ ୩୮୦୪୦୦୦ ଟଙ୍କା ଟିକସ ବାକି ରଖିଛନ୍ତି । ଅନ୍ୟପଟେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଖିଲାପକାରୀଙ୍କ ପାଖକୁ ବାରମ୍ବାର ନୋଟିସ୍ ପଠାଯାଉଛି । ହେଲେ ଖିଲାପକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଗୋଟିଏ ପଟେ ଉନ୍ନୟନ କାମ ପାଇଁ ପାଣ୍ଠିର ଅଭାବ ପଡୁଥିଲା ବେଳେ ବିଇଏମସିର ଏଭଳି ଏଜେନ୍ସି ପ୍ରେମ କାହିଁକି ବୋଲି ପ୍ରଶ୍ନ ଉଠିଛି ।

# ରକେଟ୍ ବେଗରେ ବଢୁଛି ସୁନା ଓ ରୁପା ଦର

**ଭୁବନେଶ୍ୱର (ଭିଓଭି) :** ରକେଟ୍ ବେଗରେ ବଢୁଛି ରୁପା। ଦିନକରେ ୨୦ ହଜାର ବଢ଼ିଲା । ଡିସେମ୍ବରରେ ବଢ଼ିଲାଣି ୭୮ ହଜାର ଟଙ୍କା। ଦେଶରେ ସୁନା, ରୁପା ଦର ଦ୍ରୁତ ବେଗରେ ବଢୁଛି। ବିଶେଷକରି ଡିସେମ୍ବର ମାସରେ ରୁପା ଦର ରକେଟ୍ ଭଳି ଉପରକୁ ଉଠୁଛି । ଶନିବାର ଭୁବନେଶ୍ୱର ବଜାରରେ ରୁପା ଦର କିଲୋଗ୍ରାମ ପିଛା ରେକର୍ଡ ୨୦ ହଜାର ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ରୁପା ଦର ୨,୭୪,୦୦୦ ହଜାର ଟଙ୍କାରେ ପହଞ୍ଚିଛି ।

ଚଳିତମାସରେ ରୁପା ମୂଲ୍ୟରେ ହେଉଥିବା ବୃଦ୍ଧି ଉପରେ ନଜର ପକାଇଲେ ଜଣାଯାଏ ଭୁବନେଶ୍ୱରରେ ଡିସେମ୍ବର ୧ ତାରିଖରେ ଏହା କିଲୋଗ୍ରାମ ପିଛା ୧,୯୬,୦୦୦ ଟଙ୍କା ସ୍ତରରେ ରହିଥିଲା। କିନ୍ତୁ ଗତ ୨୭ ଦିନ ଭିତରେ ଏଥିରେ ୭୮ ହଜାର ଟଙ୍କା ବୃଦ୍ଧି ଘଟିଛି। ଅର୍ଥାତ୍ ରୁପା ଦର ଚଳିତମାସ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦ ପ୍ରତିଶତ ବଢ଼ିଛି ।

ସେହିପରି ଶନିବାର ସୁନା ଦର ଭୁବନେଶ୍ୱର ବଜାରରେ ୧୨୦୦ ଟଙ୍କାର ବୃଦ୍ଧି ଘଟିଛି । ଏଥିଯୋଗୁ ୨୪ କ୍ୟାରେଟ୍





ସୁନାର ୧୦ ଗ୍ରାମ୍ ପିଛା ଦର ୧,୪୧,୨୨୦ ଟଙ୍କାରେ ପହଞ୍ଚିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦରରେ ୧୧୦୦ ଟଙ୍କା ବୃଦ୍ଧି ଘଟି ୧୨୯୪୫୦ ଟଙ୍କାରେ ପହଞ୍ଚିଛି । ଗତ ସୋମବାରଠାରୁ ଶନିବାର ମଧ୍ୟରେ ସୁନା ଦରରେ ପାଖାପାଖି ୭୦୦୦ ଟଙ୍କା ବୃଦ୍ଧି ଘଟିଲାଣି ।

ଅନ୍ତର୍ଜାତୀୟ ବଜାରରେ ରୁପା ମହଙ୍ଗା ହେଉଥିବାରୁ ତାହାର ପ୍ରଭାବ ସ୍ଥାନୀୟ ବଜାର ଉପରେ ପଡ଼ିଛି । ବିଦେଶରେ ରୁପାର ଆଉନ୍ସ ପିଛା ଦର ୭୫ ଡଲାର ଭଳି ଉଚ୍ଚ ସ୍ତରରେ ପହଞ୍ଚିଯାଇଛି। ଇଲେକ୍ଟ୍ରିକ୍ ଯାନ ଓ ସୋଲାର ଉପକରଣ ଆଦି ଶିଳ୍ପରେ ରୁପା ବହୁଳ ମାତ୍ରାରେ ବ୍ୟବହାର ହେଉଥିବାରୁ ଏହି ଧଳା ମୂଲ୍ୟବାନ ଧାତବର ଚାହିଦା ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ସୁନା ତୁଳନାରେ ଏହା ଅଧିକ ରିଟର୍ଣ୍ଣ ଦେଉଥିବାରୁ ନିବେଶକଙ୍କ ଲାଗି ମଧ୍ୟ ଏହା ବେଶ ଆକର୍ଷଣୀୟ ହୋଇଛି ।

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ : ୬୩୭୧୪୧୭୩୬୧

**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# Gangua River : From Lifeline to Drain- A Mirror to Our Urban Conscience



Nihar Ranjan Acharya


Rivers are not merely flowing water bodies; they are living ecosystems, cultural symbols, and silent witnesses to the moral health of a society. The story of the Gangua River in Odisha is one such painful testimony—of neglect, apathy, and failed urban planning.

Gangua originates near the Chandaka–Damapada forest region, once flowing as a modest but vibrant river nourishing the natural and human settlements around it. From its forested origin, it moves towards Bhubaneswar, passing through the heart of the capital city before finally merging with the Daya River, which drains into the ecologically fragile Chilika Lake. What should have been a natural asset for the city has today been reduced to an open sewer, carrying untreated waste instead of life.

The most alarming degradation of Gangua occurs within the urban limits of Bhubaneswar. As the city expanded, the river became a convenient dumping ground for untreated domestic sewage, hospital waste, solid waste, and urban runoff. Numerous drains directly discharge into the river without any effective treatment. Consequently, Gangua has lost its identity as a river and functions largely as a polluted nullah.

This pollution is not accidental; it is entirely man-made. Technology exists to treat sewage. Funds have been allocated under various schemes. Policies are on paper. Yet, enforcement remains weak, monitoring is sporadic, and accountability is blurred. When responsibility is shared by many departments, accountability often disappears altogether.

The environmental consequences are severe. High levels of pollution increase Biochemical Oxygen Demand (BOD), reducing dissolved oxygen in water and destroying aquatic life. Fish populations have vanished, and the river has lost its natural self-purifying capacity. Polluted river water seeps into the surrounding soil, contaminating groundwater sources, which poses a long-term risk to public health.




The damage does not end with Gangua. Since it merges with the Daya River, pollution travels downstream, eventually reaching Chilika Lake—India's largest brackish water lagoon and a Ramsar wetland of international importance. Thus, neglecting Gangua is not a local issue; it threatens a much larger ecological system, affecting fisheries, bird habitats, and livelihoods dependent on Chilika.

Public health implications are equally alarming. Polluted stagnant water becomes a breeding ground for mosquitoes, increasing the risk of dengue, malaria, and other vector-borne diseases. Communities living along the river suffer from skin ailments, gastrointestinal infections, foul odour, and a degraded quality of life. Gangua's pollution has quietly transformed into a public health emergency, often ignored until crises emerge.

Climate change further magnifies the problem. Polluted rivers are less resilient to extreme events. During heavy rainfall, contaminated water overflows into residential areas, spreading disease. During heatwaves, reduced flow concentrates toxins, making the water even more hazardous. In this way, pollution turns Gangua into a climate risk multiplier.

Reviving Gangua is possible—but only if pollution is stopped at the source. Cleaning without prevention is cosmetic. Immediate interception and treatment of sewage, real-time water quality monitoring with public transparency, removal of encroachments, and strict accountability are essential. Most importantly, the river must be recognized as a living ecosystem, not a drainage channel.

The condition of Gangua River reflects a deeper truth: a city's progress is not measured by flyovers and buildings alone, but by the health of its rivers. If we fail to protect a small river like Gangua, our claims of sustainable development and environmental responsibility remain hollow.

Saving Gangua is not just about restoring a river—it is about restoring our conscience.

Ph. 8249775817
E-Mail:
nihar.acharya1973@gmail.com



## ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ପ୍ରଫୁଲ୍ଲ କୁମାର ନାୟକ

ରଣପୁର (ଭିଓଭି) : ଯୁବ ସମାଜସେବୀ ତଥା ନୟାଗଡ଼ ଓ ରଣପୁର ଅଞ୍ଚଳର ଘରେ ଘରେ ପରିଚିତ ମଝିଆଖଣ୍ଡ ଗ୍ରାମର ଯୁବ ନେତା ପ୍ରଫୁଲ୍ଲ କୁମାର ନାୟକଙ୍କୁ ବିଜୁ ଜନତା ଦଳ (ବିଜେଡି) ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଘୋଷଣା କରିଛନ୍ତି। ପ୍ରକାଶ ଥାଉକି ଶ୍ରୀ ନାୟକ ଅନେକ ଦିନ ହେଲା ରଣପୁର ଅଞ୍ଚଳରେ ଅନେକ ସାମାଜିକ ଉନ୍ନତିମୂଳକ କାମ ସହ ନିଜକୁ ଜଡ଼ିତ କରି ରଖିଅଛନ୍ତି। ଦଳମତ ନିର୍ବିଶେଷରେ ସେ ସାମାଜିକ ଅନୁଷ୍ଠାନ, ମନୋରଞ୍ଜନ କାର୍ଯ୍ୟକ୍ରମ, ଖେଳକୁଦ କାର୍ଯ୍ୟକ୍ରମମାନଙ୍କରେ ଉପସ୍ଥିତ ରହି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି।

ଶ୍ରୀ ନାୟକଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନୋଟିସ ମାଧ୍ୟମରେ ଘୋଷଣା କରିବା ପରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଶେଷକରି ଦଳର ଯୁବକର୍ମୀମାନେ ଅତ୍ୟନ୍ତ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ତାଙ୍କ ନେତୃତ୍ୱକୁ ସମର୍ଥନ କରିବା ସହିତ ତାଙ୍କ ସହ ମିଳିମିଶି କାମ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବାର ଆଶା ରଖିଛନ୍ତି।

RP CONSULTANCY
Since 2011
Media Services :
●Print Media ●Epaper ●News Portal ●You Tube Channel ●Classified & Advertisements
BHUBANESWAR,ODISHA
+91-9439505215
rpconsultancybbsr@gmail.com

## ଗୃହପାଳିତ ପୋଷା ପ୍ରାଣୀଙ୍କ ଯତ୍ନ ନିମନ୍ତେ ସୋଆ ଆଇଭିଏସ୍‌ଏଏଚ୍‌ରେ ଖୋଲିଲା

# ସ୍ପା ଏବଂ ଗ୍ରୁମିଂ ସେଣ୍ଟର

ଭୁବନେଶ୍ୱର (ଭିଓଭି) : ଘରେ ରହୁଥିବା ଗେଲବସରିଆ ପୋଷା ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଏବଂ ସ୍ୱାସ୍ଥ୍ୟ ପରିଚାଳନା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍)ରେ ଖୋଲିଛି ସ୍ପା ଏବଂ ଗ୍ରୁମିଂ ସେଂଟର ।

ପ୍ରାଣୀ ବିଜ୍ଞାନୀ ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତ୍ୟାଧୁନିକ କୁଶଳୀ ଏବଂ ପ୍ରଶିକ୍ଷତ ବୃତିଗତ ଗ୍ରୁମର ଏହି ସେଂଟରରେ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ।

ପ୍ରାଣୀ ଏବଂ ପକ୍ଷୀ ନିଜର ଭାବନାକୁ ପ୍ରକାଶ କରିପାରନ୍ତି ନାହିଁ ଏବଂ ଯେତେବେଳେ ସେମାନେ କଷ୍ଟ ପାଆନ୍ତି ପ୍ରାଣୀ ଚିକିତ୍ସକମାନେ ହିଁ ତାଙ୍କ ସମସ୍ୟା ଏବଂ କଷ୍ଟକୁ ବୁଝି ପାରନ୍ତି ବୋଲି କହିଛନ୍ତି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ।

ଏହି ସେଂଟରର ସବୁ ୟୁନିଟ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଠାରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସେବା ଓ ଚିକିତ୍ସା ପ୍ରଦାନ କରାଯିବ ।

ପ୍ରାଣୀମାନଙ୍କ କ୍ଷେତ୍ରରେ କେଶ ଝଡ଼ିବା, କାନରୁ ତୈଳ ନିର୍ଗତ ହେବା, କେଶ ଏବଂ ନଖ ବଢ଼ିବା ହେଉଛି ପ୍ରାକୃତିକ ପ୍ରକ୍ରିୟା ଏବଂ ଏହାର ସଠିକ୍ ଉପଚାର ନ କରାଗଲେ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଥାଏ । ସେହିପରି ଭାରତର ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଯୋଗୁଁ ପୋକ, ଉକୁଣି ଏବଂ ମଶା ଭଳି ବାହ୍ୟ ପରଜୀବି ଗୋଟିଏ ଅଂଚଳରୁ ଅନ୍ୟ ଅଂଚଳକୁ ଘୂରି ବୁଲିଥାନ୍ତି ଯାହାକି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ।

ଏହି ପରଜିବୀ ଗୁଡ଼ିକ ରକ୍ତ ଶୋଷିବା ସହ ଶରୀରର ଚର୍ମକୁ ନଷ୍ଟ କରିଥାନ୍ତି, ଶରୀରରେ ଆଲର୍ଜି ବୃଦ୍ଧି କରିବା ସହ ବେବ୍‌ସିୟୋସିସ, ଆନାପ୍ଲାସ୍‌ମୋସିଷ୍ଟ ଏବଂ ଏହରିଲିସିୟୋସିସ ଭଳି ବ୍ୟାଧି ଦ୍ୱାରା ସଂକ୍ରମିତ କରିଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଶରୀରର ଅନ୍ୟ ଅଂଗଗୁଡ଼ିକୁ ନଷ୍ଟ କରିବା ଦିଗରେ ଅଗ୍ରଗତି କରିଥାଏ । ଏଥି ନିମନ୍ତେ ନିୟମିତ ଚିକିତ୍ସା ଏବଂ ଯତ୍ନର ଆବଶ୍ୟକତା ରହିଥିବା ଆଇଭିଏସ୍‌ଏଏଚ୍‌ର ଚିଫ୍ ମେଡିକାଲ୍ ଅଫିସର ପ୍ରଫେସର ନିରଞ୍ଜନ ସାହୁ କହିଛନ୍ତି।



ଏହି ସ୍ପା ଏବଂ ଗ୍ରୁମିଂ ସେଂଟରରେ ଗୃହପାଳିତ ପ୍ରାଣୀମାନଙ୍କ ଶରୀରକୁ ସଫା କରିବା, କେଶ କାଟିବା, ନଖ କାଟିବା, କାନ ସଫା କରିବା, ମୁଖର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଏବଂ ହେୟାର ବ୍ରସିଂ ଭଳି ସମସ୍ତ ପ୍ରକାର ସୁବିଧା ଉପଲବ୍ଧ । ସ୍ମଲ, ମିଡିୟମ୍ ଏବଂ ଲାର୍ଜ ସମସ୍ତ ପ୍ରକାରର ବ୍ରିଡ୍‌ମାନଙ୍କ ନିମନ୍ତେ ଏହି ସୁବିଧା ଉପଲବ୍ଧ ଅଛି । ଗୃହପାଳିତ ପ୍ରାଣୀମାନଙ୍କ ଯତ୍ନ ନିମନ୍ତେ ଇଚ୍ଛୁକ ଥିବା ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ହେୟାର କଟ୍ ନିମନ୍ତେ ମଧ୍ୟ ଅନୁରୋଧ କରିପାରିବେ ।

ସେମାନଙ୍କର ଚର୍ମ, କାନ ଏବଂ ନଖର ଯତ୍ନ ସହ ସ୍ୱାସ୍ଥ୍ୟ ସେବା ମଧ୍ୟ ଏଠାରେ ଉପଲବ୍ଧ । ଏହି ସ୍ପା ସେଂଟରରେ ସେମାନଙ୍କ ଡେଡ୍ ସ୍କିନ୍ ଏବଂ ଶରୀରରେ ଜମି ଥିବା ଅପରିଷ୍କାର ବସ୍ତୁକୁ ବାହାର କରାଯିବା ସହ ରକ୍ତ ସଂଚାଳନକୁ ତ୍ୱରାନ୍ୱିତ କରାଯାଇଥାଏ, କେଶ ଝଡିବା କମ୍ କରିବା ଦିଗରେ ମଧ୍ୟ ଯତ୍ନ ନିଆଯାଇଥାଏ । ଏଥି ସହିତ ଶରୀରର ଚର୍ମରେ କୌଣସି ପ୍ରକାର ସମସ୍ୟା ଏବଂ ଗଣ୍ଠି, ଭାତୁଡ଼ି, ପୋକ ସୃଷ୍ଟି ହୋଇଥିଲେ ତାହାର ମଧ୍ୟ ଚିକିତ୍ସା ଏଠାରେ କରାଯାଇଥାଏ ।

ସେହିପରି ନଖ କାଟିବା ଏବଂ ଟ୍ରିମ୍ କରିବା ଦ୍ୱାରା ଗୃହପାଳିତ ପ୍ରାଣୀମାନଙ୍କର ଆର୍ଥ୍ରାଇଟିସ୍ ଏବଂ ଅସ୍ଥି ଜନିତ ସମସ୍ୟାର ସମ୍ଭାବନା କମିବା ସହ କାନକୁ ସଫା କରିବା ଦ୍ୱାରା ସଂକ୍ରମଣର ଭୟ ମଧ୍ୟ କମିଥାଏ ।

ସ୍ପା ସେଂଟରକୁ ଏହି ପ୍ରାଣୀମାନେ ନିୟମିତ ଆସିଲେ ସେମାନେ ବେଶ ସୁନ୍ଦର ଏବଂ ସୁସ୍ଥ ହୋଇ ରହିବେ ବୋଲି ପ୍ରଫେସର ସାହୁ କହିଛନ୍ତି ।

ଏହି ସେବା ସପ୍ତାହର ପ୍ରତ୍ୟେକ ଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଉପଲବ୍ଧ। ଗୃହପାଳିତ ପ୍ରାଣୀମାନଙ୍କର ତତ୍ତ୍ୱାବଧାରକମାନେ କୌଣସି ପ୍ରକାର ସେବା ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ, କ୍ୟାମ୍ପସ-୪ ସୋଆ ବିଶ୍ୱବିଦ୍ୟାଳୟକୁ ଆସିପାରିବେ । ଏଥି ସହିତ ମୋବାଇଲ ନମ୍ବର ୭୬୦୮୯୨୧୭୭୭ରେ ଯୋଗାଯୋଗ କରିପାରିବେ ବୋଲି ପ୍ରଫେସର ସାହୁ ସୂଚନା ଦେଇଛନ୍ତି ।




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର